## ସଂକ୍ଷେପରେ

### ସଢୁ ଆକ୍ରମଣରେ ସଢୁଙ୍କ ମୃତ୍ୟୁ

**ରାଜକନିକା, ୩।୯(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲାର ରାଜକନିକା ଥାନା ଅନ୍ତର୍ଗତ ତରାସ ଗାଁର ଗଣେଶ ସାମଲ(୪୦)ଙ୍କୁ ତାଙ୍କ ସଢୁ ଆଳି ଥାନା ଅଧୀନ ସାନଅଙ୍କୋ ଗାଁର ସୁରେଶ ବସନ୍ତିଆ ଗୁରୁବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ କରିବାର ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗଣେଶଙ୍କର ଶାଳିଙ୍କୁ ସୁରେଶ ବିବାହ କରିଥିଲେ। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଯୋଗୁ ସୁରେଶ ସ୍ତ୍ରୀ ଘର ଛାଡି ପଳାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଛାଡପତ୍ର ପର୍ଯ୍ୟନ୍ତ କଥା ଯାଇଥିଲା। ହେଲେ ଗଣେଶଙ୍କ ଘରେ ସୁରେଶଙ୍କ ସ୍ତ୍ରୀ ରହୁଥିବା ନେଇ ଖବର ପାଇବାରୁ ଦୁଇ ସଢୁଙ୍କ ମଧ୍ୟରେ ବଚସା ହୋଇଥିଲା। ସୁରେଶ ପୂର୍ବ ପ୍ରସ୍ତୁତି ମୁତାବକ ଗୁରୁବାର ରାତିରେ ତରାସ ଗାଁରେ ପହଞ୍ଚି ଥିଲେ। ଗଣେଶ ରାତିରେ ପରିସ୍ରା ପାଇଁ ଉଠି ବାହାରକୁ ଆସିଥିଲେ। ପୂର୍ବରୁ ଲୁଚି ରହିଥିବା ସୁରେଶ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଗଣେଶଙ୍କ ଚାତି ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଗଣେଶଙ୍କ ଚିତ୍କାର ଶୁଣି ଗାଁ ଲୋକେ ଆସି ସୁରେଶଙ୍କୁ କାବୁ କରି ନେଇଥିଲେ। ସଙ୍ଗେ ସଙ୍ଗେ ଗଣେଶଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଗଣେଶଙ୍କ ମୃତଦେହ ଜବତ କରିବା ସହ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗାଁ ଲୋକ ସୁରେଶଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ନଂ. ୩୦୭/୨୧ରେ ମାମଲା ରୁଜୁ କରିବା ସହ ସୁରେଶଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ନକଲି ମଦ ଜବତ, ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୩।୯:** କେନ୍ଦ୍ରାପଡା ଜିଲା ଅବକାରୀ ବିଭାଗ ପକ୍ଷରୁ ନିକିରାଇ ଥାନା ବାରୋ ଗାଁରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଗାଁର ଶ୍ରୀଧର ଦାସଙ୍କ ଘରୁ ୧୦୦ ବୋତଲ ନକଲି ମଦ ଓ ୫ ଲିଟର ନକଲି ବିଦେଶୀ ମଦ, ୪୩ଟି ଖାଲି ବୋତଲ, ଶତାଧିକ ବୋତଲ ଠିପି ଜବତ ହୋଇଛି। ଅଭିଯୁକ୍ତ ଶ୍ରୀଧରଙ୍କୁ ନାମରେ ନଂ. ୧୭/୨୧ ମାମଲା ରୁଜୁ ସହ କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଡେରାବିଶ, ୩।୯(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଞ୍ଚଳରେ ନାବାଳିକାଙ୍କ ଅପହରଣ ଘଟଣାର ୭୨ ଘଣ୍ଟା ପରେ ପୋଲିସ ଉଦ୍ଧାର କରିଛି। ଏହି ଅପହରଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ସୁଶାନ୍ତ ଦାସ (୨୧)ଙ୍କୁ ମଧ ଗିରଫ କରାଯାଇଛି। ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଜଣେ ନାବାଳିକାଙ୍କୁ ଅଗଷ୍ଟ ୨୯ରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ନଂ. ୪୯୬/୨୧ରେ ମାମଲା ରୁଜୁ କରାଯାଇଥିଲା। ଅପହରଣ କରିଥିବା ଯୁବକ ଓ ନାବାଳିକାଙ୍କୁ ଭୁବନେଶ୍ୱରସ୍ଥିତ ଏକ ବସ୍ତି ଅଞ୍ଚଳରୁ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କ ଘର ଡେରାବିଶ ବ୍ଲକ ଇନ୍ଦୋଳ ପଞ୍ଚାୟତ ଅଢ଼ଙ୍ଗା ଗାଁରେ ବୋଲି ଜଣାପଡିଛି।

# ପାଣିରେ ପଶି ୨ ହଜାର ଲୁଣା ଗଛ ମଞ୍ଜି ବୁଣିଲେ

- ପ୍ରାକୃତିକ ସୁରକ୍ଷା ପ୍ରାଚୀର ଲୁଣା ଜଙ୍ଗଲ ପାଇଁ ଚିନ୍ତା
- ଦୁଇ ପରିବେଶପ୍ରେମୀ ଅଣ୍ଟା ଭିଡ଼ିଲେ
- ଆଗକୁ ପ୍ରୟାସ ଜାରି ରହିବ


ମହାନଦୀ ଅବବାହିକା ତ୍ରିକୋଣ ଭୂମି ଅଞ୍ଚଳ ଶାଖା ଗୁପ୍ତଗିରି ନଦୀ କୂଳେ କୂଳେ ଅଣ୍ଟାଏ ପାଣିରେ ପଶି ସମରେନ୍ଦ୍ର ମାହାଳି ଲୁଣା ଗଛ ମଞ୍ଜି ବୁଣୁଛନ୍ତି।

**ମହାକାଳପଡ଼ା, ୩।୯(ଡି.ଏନ୍.ଏ.)**

ପ୍ରକୃତିର ଅନବଦ୍ୟ ସୃଷ୍ଟି ହେଉଛି ସମୁଦ୍ର ଉପକୂଳରେ ଥିବା ଲୁଣା ଜଙ୍ଗଲ। ହେଲେ ଦିନକୁଦିନ ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଜଙ୍ଗଲ ଅବକ୍ଷୟ, ଜୈବ ବିବିଧତା, ମୃତ୍ତିକା ଅବକ୍ଷୟ, ପ୍ରାକୃତିକ ଦୁର୍ବିପାକ, ଶିଳ୍ପ କାରଖାନାର ଧୂଆଁ ପାଇଁ ପରିବେଶ ଉପରେ କୁପ୍ରଭାବ ପକାଉଛି। ଫଳରେ ଲୁଣା ଜଙ୍ଗଲ ନଷ୍ଟ ହେବାକୁ ଲାଗିଛି। ଉପକୂଳରେ ଥିବା ଲୁଣା ଜଙ୍ଗଲକୁ ସୁରକ୍ଷା ପ୍ରାଚୀର ଭାବେ ଅଭିହିତ କରାଯାଇଛି। ଝଡ଼ବାତ୍ୟା ଓ ସାମୁଦ୍ରିକ ବଡ଼ ଜୁଆର ତଟାଞ୍ଚଳ କ୍ଷୟର ଅନ୍ୟତମ କାରଣ ସାଜିଛି। ଏହାର ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ୨ ପରିବେଶପ୍ରେମୀ ସମରେନ୍ଦ୍ର ମାହାଳି ଓ ସୁବାସ ସ୍ୱାଇଁ ଅଣ୍ଟା ଭିଡିଛନ୍ତି। ସେମାନେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଦୁଇ ପାଦ ଆଗେଇ ଆସିଛନ୍ତି। ବ୍ଲକ ଅଧୀନ ଉପକୂଳ ଅଞ୍ଚଳର ମହାନଦୀ ଅବବାହିକା ତ୍ରିକୋଣ ଭୂମି ଗୁପ୍ତଗିରି ନଦୀ ସେତୁଠାରୁ ବାଛୁରିଆ କନ୍ଧା ପର୍ଯ୍ୟନ୍ତ କୂଳେ କୂଳେ ଅଣ୍ଟାଏ ନଦୀ ପାଣିରେ ପଶି ବିଭିନ୍ନ ପ୍ରକାରର ଲୁଣା ଜଙ୍ଗଲ ଜାତୀୟ ୨ ହଜାର ମଞ୍ଜିକୁ ଶୁକ୍ରବାର ସକାଳେ ବୁଣୁଛନ୍ତି। ଏହା ଖୁବ୍‌କମ୍ ଦିନ ମଧ୍ୟରେ ଘଞ୍ଚ ଜଙ୍ଗଲ ହୋଇଯିବ ବୋଲି ସେମାନେ କହିଛନ୍ତି।

ଏହି ଶାଖା ନଦୀରେ ବର୍ଷତମାମ ସମୁଦ୍ର ଲୁଣା ଜଳ ପ୍ରବାହିତ ହେଉଛି। ଲୁଣା ଜଙ୍ଗଲ ଜାତୀୟ ମଞ୍ଜିଗୁଡ଼ିକ ମଧ୍ୟରେ ବନି, ରାଇ, ସିନ୍ଦୁକା, କାଳିଆ ଚୁଆଁ, ଓରୁଅ , ସୁନ୍ଦରୀ, ତେଲୁଗୁଣି ଆଦି ସମେତ ଅନେକ ମଞ୍ଜି ବୁଣା ଯାଇଥିଲା। ମହାନଦୀ ଅବବାହିକାରେ ଲୁଣା ଜଙ୍ଗଲ ଜାତୀୟ ଗଛ ଦେଖିବାକୁ ମିଳେ ନାହିଁ। ତେବେ ଏହି ମଞ୍ଜି ବୁଣା ହେବା ପରେ ଅବବାହିକାର ତ୍ରିକୋଣ ଭୂମି ଅଞ୍ଚଳରେ ଲୁଣା ଜଙ୍ଗଲ ସୃଷ୍ଟି ହେବ। ଆଗାମୀ ଦିନରେ ଏହି ଲୁଣା ଜଙ୍ଗଲ ପାଇଁ ଅଧିକ ମଞ୍ଜି ଅଞ୍ଚଳରେ ବୁଣାଯିବା ଲାଗି ପ୍ରସ୍ତୁତ କରାଯାଉଛି ବୋଲି ସେମାନେ କହିଛନ୍ତି।

ତେବେ ଏହି ଲୁଣା ଗଛର ମଞ୍ଜିକୁ ସଂଗ୍ରହ କରିବା ସମସ୍ୟା ହୋଇଥାଏ। କାରଣ ନଦୀ କୂଳେ କୂଳେ ବଡ ବଡ ଲୁଣା ଗଛ ମୂଳରୁ ତୋଳିବା କଷ୍ଟ ସାଧ୍ୟ ହୋଇଥାଏ। ଜଙ୍ଗଲ ଧ୍ୱଂସ ଯୋଗୁ ବନ୍ୟଜନ୍ତୁ, ଦେଶୀ, ବିଦେଶୀ ପକ୍ଷୀ ସମେତ ଅନ୍ୟ ଜଳଜୀବଙ୍କ ଜୀବନ ପ୍ରତି ବିପଦ ହେଉଛି। ତେବେ ବେସରକାରୀ ପରିବେଶ ସଙ୍ଗଠନକୁ ସରକାରୀ ପ୍ରୋତ୍ସାହନ, ଉଚ୍ଚ ତାଲିମ, ଆବଶ୍ୟକ ଜ୍ଞାନକୌଶଳ ମିଳିପାରିଲେ ସେମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇପାରନ୍ତା। ଏଭଳି କହିଛନ୍ତି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନିରାକାର ସ୍ୱାଇଁ, ଉପେନ୍ଦ୍ର ଜେନା ପ୍ରମୁଖ। ପୂର୍ବରୁ ପରିବେଶପ୍ରେମୀ ମାହାଳି ଲୁଣା ଜଙ୍ଗଲରେ କୃତ୍ରିମ ପକ୍ଷୀ ବସା ବାନ୍ଧିଥିଲେ।

# ଚିଙ୍ଗୁଡିଘେରି ଭାଙ୍ଗି ଚାରା ପୋତିଲେ


ପ୍ରଶାସନ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି।

**ରାଜନଗର, ୩।୯(ଡି.ଏନ.ଏ.)**

ରାଜନଗର ବ୍ଲକ ଦିବାକରପୁର ମୌଜାରେ ପାଟଶାଳା ନଦୀ ପଠାରେ ଥିବା ବେଆଇନ ଚିଙ୍ଗୁଡି ଘେରିକୁ ଶୁକ୍ରବାର ବନବିଭାଗ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଜଙ୍ଗଲ କିସମ ଜମିରେ ପ୍ରାୟ ୪୦ ଏକର ଜାଗାରେ ୨୫ଟି ଚିଙ୍ଗୁଡି ଘେରି ଗଢି ଉଠିଥିଲା। ପାଟଶାଳା ନଦୀର ପଠାରେ ଜୁଆରକୁ ଅଟକା ଯାଇ ଏହି ଚିଙ୍ଗୁଡି ଘେରି ନିର୍ମାଣ ହୋଇଥିଲା। ଡିଏଫ୍ଓ ଡ. ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶ କ୍ରମେ ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥଙ୍କ ନେତୃତ୍ୱରେ ଫରେଷ୍ଟର ବିଜୟ କୁମାର ପାତ୍ର, ମହନ୍ତ କୁମାର ମଲିକ ଓ ବନବିଭାଗର କର୍ମଚାରୀମାନେ ଦିବାକରପୁରରେ ପହଞ୍ଚି ୨୫ଟି ଘେରି ଭାଙ୍ଗିଛନ୍ତି। ଏହି ସ୍ଥାନରେ ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ଘେରି ଭଙ୍ଗା ଯାଇଥିବା ନେଇ ହାଇକୋର୍ଟଙ୍କୁ ରିପୋର୍ଟ ଦିଆଯାଇଥିଲା। କିନ୍ତୁ ପ୍ରକୃତପକ୍ଷେ ଘେରିଗୁଡିକ ଅକ୍ଷତ ଅବସ୍ଥାରେ ଥିଲେ। ବନବିଭାଗ ପକ୍ଷରୁ ଘେରି ଭଙ୍ଗାଯିବା ପରେ ଚିଙ୍ଗୁଡି ଘେରିର ପାଣି ସିଧା ସଳଖ ନଈକୁ ଯାଇଥିଲା। ନଈର ଜୁଆର ପାଣି ଏହି ଚିଙ୍ଗୁଡି ଘେରିକୁ ପ୍ରବେଶ କରିଥିଲା। ଏହି ଘେରି ଭଙ୍ଗାଯିବା ପରେ ବନବିଭାଗ ପକ୍ଷରୁ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ପ୍ରଥମ ଦିନରେ ୪ ଏକର ଜମିରେ ୪ ହଜାର ରାଇ ଓ ସିନ୍ଦୁକା ଜାତୀୟ ଲୁଣା ଗଛର ମଞ୍ଜି ପୋତା ଯାଇଛି। ଘେରି ଭଙ୍ଗା ଯାଇଥିବା ସମସ୍ତ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ ବୋଲି ରାଜନଗର ରେଞ୍ଜ ଅଫିସର ରଥ ସୂଚନା ଦେଇଛନ୍ତି।

# ୩ ଷଣ୍ଢ ମୃତଦେହ ଜବତ, ରାସ୍ତାରୋକୋ


ଅଲଭା-ଗଣ୍ଡିକିଆ ରାସ୍ତାର ଖଡିଅଣ୍ଟା ପୋଲ ନିକଟରେ ଉତ୍ତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

**ପଟ୍ଟାମୁଣ୍ଡାଇ, ୩।୯(ସ୍ୱ.ପ୍ର.)**

କେହି ଦୁର୍ବୃତ୍ତ କୌଣସି ଗାଡିରେ ଗୋଡ ବନ୍ଧା ଯାଇଥିବା ଅବସ୍ଥାରେ ଷଣ୍ଢମାନଙ୍କୁ ଗାଡିରେ ନେଇ ଯାଉଥିବାବେଳେ ଅଲଭା-ଗଣ୍ଡାକିଆ ରାସ୍ତାର ଖଡିଅଣ୍ଟା ପୋଲ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱରେ ଥିବା ପାଟନାଳୀ ମଧ୍ୟକୁ ଓଲଟି ପଡିଥିଲା। ଏହି କାରଣରୁ ଗୋଡ ବନ୍ଧା ଯାଇଥିବା ୩ ଷଣ୍ଢଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନ ୪ଟାରେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ପାଟନାଳୀ ମଧ୍ୟରୁ ମାଛ ଧରୁଥିବାବେଳେ ଷଣ୍ଢଗୁଡିକର ମୃତଦେହ ଦେଖିବାକୁ ପାଇଥିଲେ। ଏହା ପ୍ରଚାର ହେବା ମାତ୍ରେ ସ୍ଥାନୀୟ ଅଚଂଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଟନାଳୀ ମଧ୍ୟରୁ ଗୋଡ ବନ୍ଧା ଯାଇଥିବା ୩ ଷଣ୍ଢଙ୍କ ମୃତଦେହକୁ ଜବତ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ଅଲଭା-ଗଣ୍ଡାକିଆ ରାସ୍ତାର ଖଡିଅଣ୍ଟା ପୋଲ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଷଣ୍ଢମାନଙ୍କ ମୃତ୍ୟୁ ପାଇଁ ଦାୟୀ ଲୋକଙ୍କ ବିରୋଧରେ ଆନ୍ଦୋଳନକାରୀମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ନୂତନ ଆଇଆସି ତପନ କୁମାର ରାଉତ, ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସକ ଜଳଧର ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଷଣ୍ଢ ମୃତ୍ୟୁର କାରଣ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଷଣ୍ଢମାନଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ଏସ୍‌ଡିପିଓ, ଆଇଆଇସି ଓ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଖଡିଅଣ୍ଟା ଛକ ନିକଟ କେନାଲ ପାର୍ଶ୍ୱରେ ଗାତ ଖୋଳାଯାଇ ସମାଧି ଦିଆଯାଇଥିଲା। ତେବେ ଷଣ୍ଢ ଚାଲାଣ କରୁଥିବା ବ୍ୟକ୍ତିମାନେ ଧରା ପଡିଯିବା ଭୟରେ କୌଣସି ପ୍ରକାରେ ଓଲଟି ପଡିଥିବା ଗାଡିକୁ ଉଠାଇ ଫେରାର ହୋଇଯାଇଛନ୍ତି। ଗୋଡ ବନ୍ଧା ଯାଇଥିବା ଷଣ୍ଢଗୁଡିକ ପାଣିରେ ବୁଡିଯିବାରୁ ଆଉ ଉଠି ନ ପାରି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି ବୋଲି ଏସ୍‌ଡିପିଓ ବେଉରିଆ କହିଛନ୍ତି।

# ବନ୍ଧୁକ ଲଗାଇ ଲକ୍ଷେ ୪୮ ହଜାର ଲୁଟ୍

**ରାଜନଗର, ୩।୯(ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ ଜରିମୂଳ ବଜାରରୁ ଘରକୁ ଫେରୁଥିବା ବେଳେ ବ୍ୟବସାୟୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୩ଜଣ ଦୁର୍ବୃତ୍ତ ୧ ଲକ୍ଷ ୪୭ ହଜାର ୮ଶହ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ଏହି ଘଟଣାରେ ଛାନଭିନ ଚଳାଇ ଥିଲେ ମଧ୍ୟ କୌଣସି ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇପାରିନି। ଅଭିଯୋଗ ମୁତାବକ, ଚାନ୍ଦିବାଉଁଶମୂଳ ଗାଁର ପ୍ରଫୁଲ୍ଲ ରାଉଳ ଜରିମୂଳ ବଜାରର ମଙ୍ଗଳା ଛକ ନିକଟରେ ତେଜରାତି ଦୋକାନ କରିଛନ୍ତି। ଗୁରୁବାର ରାତି ୯ଟା ୧୦ରେ ଦୋକାନ ବନ୍ଦ କରି ଏକ ହ୍ୟାଣ୍ଡ ବ୍ୟାଗରେ ୧ ଲକ୍ଷ ୪୭ ହଜାର ୮ଶହ ଟଙ୍କା ବିକ୍ରି ଓ ବାକି ଆଦାୟ ଟଙ୍କା ଧରି ଘରକୁ ଫେରୁଥିଲେ। ଦୋକାନଠାରୁ ଘର ମାତ୍ର ୨ଶହ ମିଟର ଦୂର। ଦୋକାନରୁ ଘରକୁ ଫେରିବା ବାଟରେ ପ୍ରଫୁଲ୍ଲଙ୍କ ଘର ସାମ୍ନାରେ ପୂର୍ବରୁ ପ୍ରସ୍ତୁତ ଥିବା ୩ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଆସି ମୋବାଇଲ ଛଡାଇବା ବେଳେ ଅନ୍ୟଜଣେ ବନ୍ଧୁକରେ ମୋ ମୁଣ୍ଡକୁ ଗୋଟେ ପାହାର ପକାଇ ଥିଲେ। ପରେ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅନ୍ୟ ୨ଜଣ ଯୁବକ ମୋ ଟଙ୍କା ଭର୍ତ୍ତି ବ୍ୟାଗ ଓ ମୋବାଇଲ ଛଡାଇ ଏକ ବାଇକ୍‌ରେ ଦ୍ରୁତଗତିରେ ପଳାଇ ଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ସନ୍ଧାନ ପାଇଲେ ନାହିଁ ବୋଲି ପ୍ରଫୁଲ୍ଲ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# 'ଭିତରକନିକାକୁ ଧ୍ୱଂସ ମୁହଁକୁ ଠେଲି ଦେଉଛନ୍ତି'



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତାମାନେ।

- ୨୫ରୁ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଯିବ
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ

**ରାଜନଗର, ୩।୯(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ଆଗାମୀ ଦିନରେ ପ୍ରକୃତି ପରିବେଶର ଷଠିଘର ଭିତରକନିକାକୁ ଧ୍ୱଂସ ମୁଖକୁ ଠେଲି ଦେବ। ଏହାର ଜୈବ ବିବିଧତା ବିଶ୍ୱରେ ବିରଳ ହୋଇଥିବା ବେଳେ ଏଥିଯୋଗୁ ଧ୍ୱଂସ ପାଲଟିବ। ଏଠାରେ ଥିବା ଜୀବଜନ୍ତୁ, ଦେଶ ବିଦେଶରୁ ଆସୁଥିବା ପକ୍ଷୀ, ହଜାର ହଜାର ସାମୁଦ୍ରିକ ପଥ ଅତିକ୍ରମ କରି ଆସୁଥିବା ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ। ଏହାର ସୁରକ୍ଷା ପାଇଁ ଭାଜପା ଦିନ ଦୟାଳ ଉପାଧ୍ୟାୟଙ୍କ ପବିତ୍ର ଜନ୍ମତିଥି ଆସନ୍ତା ୨୫ ତାରିଖଠାରୁ ଭିତରକନିକା ଜାତୀୟ ଉଦ୍ୟାନ ମୁଖଶାଳାରୁ ଆନ୍ଦୋଳନ ଆରମ୍ଭ କରିବ। ରାଜନଗରର ଘରକୁ ଘର ବୁଲି ଜନସାଧାରଣଙ୍କ ନିକଟରେ ଖରସ୍ରୋତା ମେଗା ପାନୀୟଜଳ ପ୍ରକଳ୍ପ ଆଗାମୀ ପିଢି ପାଇଁ କିପରି ଘାତକ ସାଜିବ ଏ ନେଇ ସଚେତନତା ଜୋରଦାର କରାଯିବ। ଶୁକ୍ରବାର ରାଜନଗର ବ୍ଲକ ପୂର୍ତ୍ତ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେଭୁବନ ମୋହନ ଜେନା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସମଗ୍ର ଓଡ଼ିଶାରେ ୨୧୩ ବର୍ଗ କିମି ଲୁଣା ଜଙ୍ଗଲ ଥିବାବେଳେ କେବଳ ଭିତରକନିକାରେ ୧୮୩ ବର୍ଗ କିମି ରହିଛି। ସତୁରୀ ଦଶକ ପରଠୁଁ ଅନେକ ସାମୁଦ୍ରିକ ଝଡକୁ ସାମ୍ନା କରି ଲୁଣା ଜଙ୍ଗଲ ଉପକୂଳ ଅଞ୍ଚଳକୁ ସୁରକ୍ଷା ଦେଇ ଆସୁଛି। ପ୍ରକୃତିର ଗନ୍ତାଘର ଭିତରକନିକା ଲୁଣା ଓ ମିଠା ପାଣିର ସମିଶ୍ରଣରେ ବଢିଉଠିଛି। ଯଦି ଏହି ମେଗା ପାନୀୟ ଜଳ ପ୍ରକଳ୍ପ କରାଯାଏ ଆଗାମୀ ଦିନରେ ଭିତରକନିକାର ଆର୍ଦ୍ରଭୂମିକୁ ବଞ୍ଚାଇ ରଖୁଥିବା ଲୁଣା ଜଙ୍ଗଲ ବିଶ୍ୱ ଗବାକ୍ଷରୁ ଲୋପ ପାଇଯିବ ବୋଲି ଜେନା ଆଶଙ୍କା ପ୍ରକାଶ କରିଥିଲେ। ତେଣୁ ଆଗନ୍ତୁକ ପର୍ଯ୍ୟଟକମାନଙ୍କର କେନ୍ଦ୍ରବିନ୍ଦୁ ସାଜିଥିବା ବିଶ୍ୱର ବିରଳ ହେନ୍ତାଳ ଜଙ୍ଗଲ ପୂର୍ଣ୍ଣ ଭିତରକନିକାକୁ ସୁରକ୍ଷା ଦେବା ପାଇଁ ଆମେ ଲଢେଇ ଜାରି ରଖିବୁ ବୋଲି ସେ କହିଥିଲେ। ସମ୍ମିଳନୀରେ ରାଜନଗରର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା କହିଥିଲେ, ଭିତରକନିକା ଜାତୀୟ ଉଦ୍ୟାନର ବିଭବକୁ ଧ୍ୱଂସ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ଏକ ଷଡଯନ୍ତ୍ର। ଏହାକୁ ଭାଜପା ଦୃଢ ବିରୋଧ କରୁଛି। ରାଜନଗରବାସୀଙ୍କ ଜଳ, ଜୀବନ ଓ ଜୀବିକାକୁ ଧ୍ୱଂସ ମୁଖରେ ଠେଲି ଦିଆଯାଉଛି। ଏହାବାଦେ ଭଦ୍ରକ ଏବଂ ରାଜକନିକାର ବରୁଣାଡିହା ଅଞ୍ଚଳ ଇକୋ ସେନ୍ସିଟିଭ ଜୋନରେ ରହିଥିଲେ ମଧ ରାଜ୍ୟ ସରକାର ଏହାକୁ ବେଖାତିର କରି ପ୍ରକଳ୍ପ ନିର୍ମାଣ କରୁଥିବାରୁ ଏହା ସମ୍ପୂର୍ଣ୍ଣ ଆଇନ ବିରୋଧୀ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା କୈଳାସ କୁମାର ପରିଡା, ଦିଲୀପ କୁମାର ପାତ୍ର, ବିଜୟ କୁମାର ବଳ, ଦିଲୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ପୋଡ଼ି ଘଟଣାର ତଦନ୍ତ ଦାବି

**ଯାଜପୁର ଟାଉନ,୩।୯(ଡି.ଏନ.ଏ.)**

ଦଶରଥପୁର ବ୍ଲକ୍‌ର ବିରୁହାଁ ଓ ଗ୍ରାମନନ୍ଦିପୁର ପଞ୍ଚାୟତ ଅଫିସ୍ ପୋଡ଼ି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି କଂଗ୍ରେସ। ଦଳ ପକ୍ଷରୁ ପୂର୍ବତନ ସରପଞ୍ଚ ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ୨ ପଞ୍ଚାୟତରେ ୨୦୧୭-୧୮ଠାରୁ ୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା କାର୍ଯ୍ୟର ଖର୍ଚ୍ଚ ବଦଳାଇ ଲକ୍ଷ ଲକ୍ଷ ଟଙ୍କା ଅସାଧୁ କର୍ମଚାରୀ, ସରପଞ୍ଚ ଓ ରାଜନେତା ଆତ୍ମସାତ କରିଛନ୍ତି। କେତେକ ସ୍ଥାନରେ ଆଦୌ କାର୍ଯ୍ୟ କରା ନ ଯାଇ ମିଥ୍ୟା ବିଲ୍ ଜରିଆରେ ଅର୍ଥ ହରିଲୁଟ୍ କରାଯାଇଛି। ଗୁହାଳ ଯୋଜନାରେ ହିତାଧିକାରୀଙ୍କୁ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ପ୍ରଦତ୍ତ ସାର୍ଟିଫିକେଟ୍‌ଗୁଡ଼ିକରେ ଯାଞ୍ଚ କରାଯାଉ ନାହିଁ। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହିତ ଜନସାଧାରଣଙ୍କ ତରଫରୁ ବ୍ଲକ୍ ଓ ପୋଲିସ ପ୍ରଶାସନ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଆଖିଦୃଶିଆ ହୋଇନାହିଁ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ପ୍ରତିନିଧିଦଳରେ ପ୍ରତାପ ନାୟକ, ଲକ୍ଷ୍ମୀନାରାୟଣ ପତି, ଉମାକାନ୍ତ ଦାସ, ଶୁକଦେବ ଦାସ, ବିଜୟ ମଲ୍ଲିକ, ଅଶୋକ ସାହୁ, ନାରାୟଣ ଜେନା ଓ ଗଗନ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଭିତରକନିକା ସୁରକ୍ଷା ପାଇଁ ଅଭିନବ ପ୍ରତିବାଦ



ଷ୍ଟୁଡେଣ୍ଟ୍ସ ଫର ଡେଭଲପମେଣ୍ଟ ପକ୍ଷରୁ ଡାଙ୍ଗମାଳ ମୁଖ୍ୟଫାଟକ ସମ୍ମୁଖରେ ପ୍ରତିବାଦ।

**ରାଜନଗର, ୩।୯(ଡି.ଏନ.ଏ.)**

ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ନେଇ ବିରୋଧାଭାସ ଜାରି ରହିଛି। ଷ୍ଟୁଡେଣ୍ଟ୍ସ ଫର ଡେଭଲପମେଣ୍ଟ ରାଜନଗର ଶାଖା ପକ୍ଷରୁ ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳସ୍ଥିତ ମୁଖ୍ୟ ଫାଟକ ସମ୍ମୁଖରେ ଅଭିନବ ପ୍ରତିବାଦ କରାଯାଇଛି। ଖରସ୍ରୋତା ମେଗା ଜଳ ପ୍ରକଳ୍ପ ହେବା ଦ୍ୱାରା ଭିତରକନିକା ଜାତୀୟ ଉଦ୍ୟାନ ଉପରେ କିଛି ପ୍ରଭାବ ପଡିବନି ତ। ମେଗା ଜଳ ପ୍ରକଳ୍ପ କରିବା ପୂର୍ବରୁ ଭିତରକନିକାର ହେନ୍ତାଳ ବଣ ଉପରେ ପ୍ରଭାବ ପଡିବ କି ନାହିଁ ଗବେଷଣା କରାଯାଇଛି କି ବୋଲି ପ୍ରଶ୍ନ କରାଯାଇଛି।

# ତାଳଦଣ୍ଡା କେନାଲ ଚିକେନ ଡମ୍ପିଂୟାର୍ଡ ପାଲଟିଛି

- ଇଫ୍‌କୋ, ଏସାରଷ୍ଟିଲ କମ୍ପାନୀ ପାଣି ପାଇଁ ବ୍ୟବହାର କରୁଛନ୍ତି
- ୨୦୧୮ ଅକ୍ଟୋବରରେ କେନାଲ ଜଳ ପରୀକ୍ଷା ହୋଇଥିଲା


ତାଳଦଣ୍ଡା କେନାଲରେ ଚିକେନ ବ୍ୟବସାୟୀ ଦୋକାନରୁ ଉଦ୍‌ବୃତ୍ତ ବର୍ଜ୍ୟ ପକାଇଛନ୍ତି।

**ପାରାଦୀପ,୩।୯(ସ୍ୱ.ପ୍ର.)**

ପାରାଦୀପ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ଓ ଜଗତସିଂହପୁର ଜିଲାର ଜୀବନରେଖା କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ବହୁଧାଭାବେ ପ୍ରଦୂଷଣ ହେଉଛି। ଏବେ କଟକ ପାରାଦୀପ ରାସ୍ତାର ଇଫକୋ କାରଖାନା ପୋଲସ୍ଥିତ ତଳ ତାଳଦଣ୍ଡା କେନାଲରେ କେତେଜଣ ଚିକେନ ବ୍ୟବସାୟୀ ଉକ୍ତ କେନାଲରେ ଦୋକାନରୁ ଉଦ୍‌ବୃତ୍ତ ବର୍ଜ୍ୟ ପକାଉଛନ୍ତି। ଫଳରେ ଏହା ମାଂସଦୋକାନର ଡମ୍ପିଂୟାର୍ଡ ଭଳି ପ୍ରତ୍ୟୟମାନ ହେଉଛି। ଏହି ସ୍ଥାନ ଓ ପିପିଏଲ ଛକଠାରେ ଏକାଧିକ ଚିକେନ, ମଟନ,ମାଛ ବଜାର ରହିଛି। ପ୍ରତିଦିନ ଶହ ଶହ କୁକୁଡ଼ା ଛେଳି କଟାଯାଇ ମାଂସ ବିକ୍ରି ହେଉଛି। ଚିକେନ ଦୋକାନରୁ ବାହାରୁଥିବା ପର, ଗୋଡ, ନାଡ ଓ ଅନ୍ତଃବୁଜୁଳା ଆଦି ବର୍ଜ୍ୟକୁ ବେପାରୀମାନେ ପ୍ରତିଦିନ ତାଳଦଣ୍ଡା କେନାଲରେ ପକାଇ ଦେଉଛନ୍ତି ବୋଲି ସେହି ଅଞ୍ଚଳର ବାସିନ୍ଦା ଦେବୀ ପ୍ରସାଦ ସାହୁ କହିଛନ୍ତି। ଯେଉଁ ସ୍ଥାନରେ ଏସବୁ ବର୍ଜ୍ୟ ପଡ଼ିଛି, ସେଠାରୁ ଇଫକୋ ଓ ଏସାରଷ୍ଟିଲ କମ୍ପାନୀ ପାଣି ନେଉଛନ୍ତି। କେନାଲରେ କଳିକତି ଦଳ ଭର୍ତ୍ତି ହୋଇ ଥିବାରୁ ଏସବୁ ବର୍ଜ୍ୟ ପାଣିରେ ଭାସି ଯାଇ ପାରୁନାହିଁ।

୨୦୧୮ ଅକ୍ଟୋବରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାଳଦଣ୍ଡା କେନାଲର ପାଣିକୁ ପରୀକ୍ଷା କରିଥିଲେ। ଏହି ପରୀକ୍ଷା ରିପୋର୍ଟ ଅନୁସାରେ କେନାଲରେ ବହୁଳଭାବେ ଟିସି(ଟୋଟାଲ କେମିକାଲ)ଓ ଏଫସି (ଫେକାଲ କେମିକାଲ)ଥିଲା ବୋଲି ଦର୍ଶାଯାଇଛି। ଅର୍ଥାତ ପାଣିରେ ଗାଈ, ମଇଁଷି, ମଣିଷ, କୁକୁର ଆଦି ସ୍ନାନ ଶୌଚ ହେଉଥିବାରୁ ତାହା ପିଇବା ଉପଯୋଗୀ ନୁହେଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ଉକ୍ତ ପାଣିକୁ ପାରାଦୀପର ସମସ୍ତ ପ୍ରକାର କାମରେ ବ୍ୟବହାର କରାଯାଉଛି। ଏପରିକି ଉକ୍ତ କେନାଲରେ ଗାଡି ସଫା କରାଯାଉଛି। ବୁଲା ପ୍ରାଣୀଙ୍କ ମୃତ୍ୟୁ ଘଟିଲେ ସେଥିରେ ପକାଯାଉଛି। କଟକରୁ ପାରାଦୀପ ପର୍ଯ୍ୟନ୍ତ ଏହି କେନାଲ ପୂର୍ବରୁ ଦୂଷିତ ହୋଇଯାଇଥିବାବେଳେ ଏବେ ଚିକେନ୍ ଦୋକାନର ବର୍ଜ୍ୟ ପକାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମହାନ୍ତିଙ୍କ କୁହନ୍ତି, ଏଭଳି ଘଟଣା ଆମ ନଜରକୁ ଆସିନାହିଁ। ତେବେ ଏସମ୍ପର୍କରେ ଲୋକ ପଠାଇ ଘଟଣାର ତଦନ୍ତ କରାଯିବ। ଏ ବିଷୟରେ ପୌରନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ କୁହନ୍ତି, ଆମ ଷ୍ଟାଫ୍ ଯାଇ ଯାଞ୍ଚ କରିବେ। ଯେଉଁ ବ୍ୟବସାୟୀ ଏପରି କରୁଥିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ଧର୍ମଶାଳା/ଚଢ଼େଇଧରା, ୩।୯(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ବାଇକ୍‌ରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ମହିଶରା ପଞ୍ଚାୟତ କୁରିକଣା ଗ୍ରାମର ବାବନ ବାରିକଙ୍କ ସ୍ତ୍ରୀ ଜାନକୀ ବାରିକ (୪୫)। ଜାନକୀ ତାଙ୍କ ପୁତୁରାଙ୍କ ବାଇକ୍‌ରେ ବସି ଗଡ଼ମଧୁପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ କରୋନା ଟିକା ନେବାକୁ ଆସୁଥିଲେ। ଏହି ସମୟରେ ବରଡ଼ା ଛକ ନିକଟ ଏକ ହମ୍ପସ୍ ପାଖରେ ଗାଡ଼ିରୁ ଖସିପଡ଼ିଥିଲେ। ଫଳରେ ସେ ସେଠାରେ ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବନ୍ଧୁକ ଦେଖାଇ ଟଙ୍କା, ମୋବାଇଲ୍ ଲୁଟ୍

**ଚଣ୍ଡିଖୋଲ,୩।୯(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଚାରିନଙ୍ଗଳ-କଟିକଟା ଛକ ମଧ ସ୍ଥଳରେ ଗୁରୁବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଜଣେ ବାଇକ୍ ଆରୋହୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତ ୮ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ଏହି ଥାନା ଅନ୍ତର୍ଗତ ବରଦା ଗ୍ରାମର ଅକ୍ଷୟ କୁମାର ପୃଷ୍ଟି। ସେ ବାଲିଚନ୍ଦ୍ରପୁର ବଜାରରୁ କିଛି ସାମଗ୍ରୀ ନେବାକୁ ଆସିଥିଲେ। ସାମଗ୍ରୀ ନେଇ ଫେରିବା ବେଳେ ନଳୀପୁର ସ୍ଥିତ ପେଟ୍ରୋଲ ଟାଙ୍କିରେ ତେଲ ପକାଇଥିଲେ। ଏହାପରେ ତିନିଜଣ ଯୁବକ ଏକ ସ୍କୁଟିରେ ପିଛା କରି ଚାରିନଙ୍ଗଳ କଟିକଟା ମଝି ଗହିର ପୋଲ ନିକଟରେ ତାଙ୍କୁ ଅଟକାଇ ଥିଲେ। ସେ ଅଟକିବା ପରେ ତାଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ତେବେ ସେ ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ ମଧ୍ୟ କରାଯାଇଥିଲା ବୋଲି ସେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୬୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମୃତକଙ୍କ ପରିବାରକୁ ସହାୟତା

**କାଳିଆପାଣି,୩।୯(ଡି.ଏନ.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ପଞ୍ଚାୟତ ଚିରୁଗୁଣିଆ ଗ୍ରାମର ଭକ୍ତ ମହାନ୍ତଙ୍କ ପୁଅ ପର୍ଶୁରାମ ମହାନ୍ତ(୩୦) ନିଜ ଦେହରେ ନିଆଁଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ପରିବାର ଭାଙ୍ଗି ପଡ଼ିଥିବାବେଳେ ପର୍ଶୁରାମ କାର୍ଯ୍ୟ କରୁଥିବା କମ୍ପାନୀର କର୍ମଚାରୀମାନେ ସହାୟତାର ହାତ ବଢ଼ାଇଛନ୍ତି। ଶୁକ୍ରବାର ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହସମ୍ପାଦକ ଭରତ ମହାନ୍ତ, କମ୍ପାନୀର ଶାଖା କର୍ମଚାରୀ କମିଟି ମେମ୍ବର ସନ୍ୟାସୀ ସାମଲ, ଶିବ ସୋରେନ, ତାରାଶଙ୍କର ପ୍ରଧାନ, ମହେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପର୍ଶୁରାମଙ୍କ ସ୍ତ୍ରୀଙ୍କୁ ୫୭ ହଜାର ୧୦୦ଟଙ୍କା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଯେ କୌଣସି କମ୍ପାନୀର କର୍ମଚାରୀ ଦୁର୍ଘଟଣାର ଶିକାର ହେଲେ ସହଯୋଗ ଯୋଗାଇ ଦେବାକୁ ସଂଘ ସାଧାରଣ ସମ୍ପାଦକ ଧୀର ଆଶାବାଦୀ ଥିବା କହିଛନ୍ତି।

### ବାଲିସାହି ଛକରେ ବେଆଇନ ମଦ କାରବାର

**ଜେନାପୁର,୩।୯(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ବାଲିସାହି ଛକରେ ବେଆଇନ ଦେଶୀ, ବିଦେଶୀ ମଦ କାରବାର ଚାଲିଛି। ଫଳରେ ଏଠାରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହୋଇଛି। ଏପରି କି ଦୋକାନ ଗୁଡ଼ିକରେ ମଦବାର ପରି ଭିଡ଼ ହେଉଥିବା ଦେଖିବାକୁ ମିଳୁଛି। ଛକଠାରୁ ସ୍କୁଲ ୧୦୦ ମିଟର ଦୂରତାରେ ଥିବା କ୍ୟାବିନଗୁଡ଼ିକରେ ଚୋରା ମଦ ମହଜୁଦ ରଖାଯାଉଛି। ଏହାଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ମଦ୍ୟପ ସକାଳୁ ସନ୍ଧ୍ୟା ଯାଏ ଛକ ବଜାର ଓ ରାସ୍ତାଘାଟରେ ବସି ମଦ ପିଇବା ଦ୍ୱାରା ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବାକୁ ଭୟ କରୁଛନ୍ତି। ସେହିପରି ଜେନାପୁର ଷ୍ଟେଶନ ବଜାର, ମାଣ୍ଡଆଗଡ଼ା, କବାଟବନ୍ଧ, କମାଗଡ଼, ଅଣ୍ଟିଆ, ଶ୍ୟାମସୁନ୍ଦରପୁର, ରାମଚନ୍ଦ୍ରପୁର ପଞ୍ଚାୟତର ଗାଁ ଗାଁରେ ଦିନରାତି ଚୋରା ମଦ ଅବାଧରେ ବିକ୍ରି ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଦରକାର ବେଳେ ଏମ୍ଆଇପି ଅକାମୀ

## ଯାଜପୁରରେ ମରୁଡ଼ି

### ଜମି ଅଧିଗ୍ରହଣରେ ଅଟକିଛି ୪ ପ୍ରକଳ୍ପ

**ଯାଜପୁର ଅଫିସ,୩।୯**

ଚଳିତ ବର୍ଷ ଯାଜପୁର ଜିଲାରେ ଅପେକ୍ଷାକୃତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସ୍ୱାଭାବିକ ବର୍ଷାଠାରୁ ଜୁନ୍‌ରେ ୧୭%, ଜୁଲାଇରେ ୬୦% ଓ ଅଗଷ୍ଟରେ ୫୨% କମ ବର୍ଷା ହୋଇଛି। ଏଥିଯୋଗୁ ଜିଲାରେ ମରୁଡ଼ି ସୃଷ୍ଟି ହୋଇଛି। ଚାଷୀମାନେ ବର୍ଷାକୁ ଚାତକ ପକ୍ଷୀ ଭଳି ଚାହିଁ ରହିଛନ୍ତି। ତେବେ ଏହି ଘଡିସନ୍ଧି ମୁହୂର୍ତ୍ତରେ କେତେକ ଶୁଖିଲା ଜମିରେ ଜଳସେଚନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି) କାମକୁ ନୁହେଁ ବୋଲି ମତପ୍ରକାଶ ପାଇଛି।

କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଯାଜପୁର ଜିଲାର ୧୦ ବ୍ଲକରୁ ୯ ବ୍ଲକରେ ୫୮ଟି ଏମ୍ଆଇପି ରହିଛି। ଏଥିରେ ୮୦୯୧ ହେକ୍ଟର ଜମିରେ ଜଳସେଚନ ହୋଇଥାଏ ବୋଲି ବିଭାଗ ପକ୍ଷରୁ ଦାବି କରାଯାଉଛି। ତେବେ ଚଳିତ ବର୍ଷ ୪୪୭୯ ହେକ୍ଟର ଜମିରେ ଜଳସେଚନ ହେଉଥିବା ସୂଚନା ମିଳିଛି। ବିଞ୍ଝାରପୁର ବ୍ଲକର ୪ ପ୍ରକଳ୍ପରେ ୨୫୦ ହେକ୍ଟର, ଦାନଗଦି ବ୍ଲକର ୧୨ ପ୍ରକଳ୍ପରେ ୨୦୦ ହେକ୍ଟର, ଦଶରଥପୁର ବ୍ଲକର ୪ ପ୍ରକଳ୍ପରେ ୩୮୦ ହେକ୍ଟର, ସୁକିନ୍ଦା ବ୍ଲକ ୧୭ ପ୍ରକଳ୍ପରେ ୨୭୭୭ ହେକ୍ଟର, କୋରେଇ ବ୍ଲକର ୮ ପ୍ରକଳ୍ପରେ ୮୦ ହେକ୍ଟର, ଧର୍ମଶାଳା ବ୍ଲକର ୬ ପ୍ରକଳ୍ପରେ ୪୨୦ ହେକ୍ଟର, ବରି ବ୍ଲକର ୧ ପ୍ରକଳ୍ପରେ ୪୨ ହେକ୍ଟର, ଯାଜପୁର ବ୍ଲକର ୫ ପ୍ରକଳ୍ପରେ ୨୫୦ ହେକ୍ଟର ଓ ରସୁଲପୁର ବ୍ଲକର ୧ ପ୍ରକଳ୍ପରେ ୮୦ ହେକ୍ଟର ଜମିରେ ଜଳସେଚନ ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ବାସ୍ତବରେ ଏହି ପରିସଂଖ୍ୟାନ କପୋଳକଳ୍ପିତ ବୋଲି ସମ୍ପୃକ୍ତ ଚାଷୀମାନେ ପ୍ରକାଶ କରିଛନ୍ତି। କାଁ ଭାଁ କିଛି ଏମ୍ଆଇପିକୁ ବାଦ୍ ଦେଲେ ଅଧିକାଂଶ ପ୍ରକଳ୍ପରେ ଆବଶ୍ୟକ ପାଣି ନାହିଁ ବୋଲି ଦେଖିବାକୁ ମିଳିଛି।

ଅନ୍ୟପକ୍ଷେ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଧର୍ମଶାଳା ବ୍ଲକର କୁଆଁରିଆ, ଦାନଗଦି ବ୍ଲକର ଗଣ୍ଡାନାଳ, କୋରେଇ ବ୍ଲକର ଅମୃତିଆ ଓ ବଡଚଣା ବ୍ଲକ ନାଣ୍ଡୁଆଝର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ ୩ କୋଟି ୫୦ ଲକ୍ଷ ଟଙ୍କା କେବଳ ଏମ୍ଆଇପି ବାବଦରେ ଖର୍ଚ୍ଚ ହୋଇଛି। ହେଲେ ଚାଷୀଙ୍କ ଜମିରେ ଯେଉଁ ପରିମାଣର


ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ରାଣୀବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ।

ଜଳସେଚନ ହେବା କଥା ତାହା ପରାହତ ହେଉଛି ବୋଲି ଅଭିଯୋଗ ହେଉଛି।

ଚଳିତବର୍ଷ ମୌସୁମୀ ଧୋକା ଦେଇଛି। ବର୍ଷା ନ ହେବାରୁ ଶ୍ରାବଣ ମାସରେ ଟାଣ ଖରା ସହ ଗୁଲୁଗୁଲି ଅନୁଭୂତ ହୋଇଛି। ବିଲ ଫାଟି ଆଁ କଲାଣି। ଚାଷୀଙ୍କ ଧାନ ପହ୍ଲ ଜଳି ହଳଦିଆ ହୋଇଗଲାଣି। ଏବେ ବର୍ଷା ହେଲେ ବି କିଛି ଲାଭ ହେବ ନାହିଁ ବୋଲି ଚାଷୀମାନେ କହୁଛନ୍ତି। ଚଳିତ ବର୍ଷରେ ଜିଲାରେ ୧,୪୨,୦୦୦ ହେକ୍ଟର ଜମିରେ ଖରିଫ ଚାଷ କାର୍ଯ୍ୟ କରିବାକୁ ନିର୍ଦ୍ଧାରଣ ହୋଇଛି। ସେଥିମଧ୍ୟରୁ ପ୍ରାୟ ୧ ଲକ୍ଷ ୧୫ ହଜାର ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ଜମିରେ ଅଣ ଧାନ ଫସଲ ଚାଷ ହେଉଛି। ହେଲେ ଆବଶ୍ୟକ ବର୍ଷା ଅଭାବରୁ ଚାଷୀଙ୍କ ସ୍ୱପ୍ନ ଧୂଳିସାତ ହେବାକୁ ବସିଛି। ଏଭଳି ସ୍ଥିତିରେ ଚାଷୀମାନେ ଜଳସେଚନ ଉପରେ ନିର୍ଭର କରିଥାନ୍ତି। ରେଙ୍ଗାଲି ଡ୍ୟାମ ବାମପାର୍ଶ୍ୱ କେନାଲ ମଧ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇ ପାରିନାହିଁ। ତେଣୁ ଯେଉଁ କେତେକ ଏମ୍ଆଇପି ରହିଛି, ସେଥିରେ ମଧ ଚାଷୀ ଉପଯୁକ୍ତ ଭାବେ ଉପକୃତ ହୋଇ ପାରିଲେ ନାହିଁ। ସ୍ୱଳ୍ପ ବୃଷ୍ଟିପାତ ହେଲେ ମଧ ଚାଷୀଙ୍କୁ ବିପଦ ସମୟରେ ଏହି ପ୍ରକଳ୍ପର ସଂରକ୍ଷିତ ପାଣି କିଞ୍ଚିତ ମାତ୍ରାରେ ସାହାଯ୍ୟ ହୋଇଥାଏ। କିନ୍ତୁ ମରୁଡି ସମୟରେ ଚାଷୀଙ୍କୁ ଏହି ପ୍ରକଳ୍ପଗୁଡିକ ସାହାଯ୍ୟ କରିବା ତ ଦୂରର କଥା ଅଞ୍ଚଳବାସୀଙ୍କ ସ୍ନାନଶୌଚ ପାଇଁ ପାଣି ବୁନ୍ଦାଏ ଯୋଗାଇ ଦେଇ ପାରୁନାହିଁ। ଏଠାରେ ରାଣୀବନ୍ଧ ଏମ୍ଆଇପିକୁ ଉଦାହରଣ ଭାବେ ନିଆଯାଇପାରେ। ୧୯୮୮ରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ପାହାଡ଼ ପାଣିକୁ ସଂରକ୍ଷିତ ରଖିବାକୁ ଡଙ୍କାରୀ ପାହାଡ଼ ପାଦଦେଶରେ ରାଣୀବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ଏହି ଡ୍ୟାମର ପାଣିରେ ରମ୍ପେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୧୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଥିଲା। ଡ୍ୟାମ ନିର୍ମାଣ ଆରମ୍ଭରେ ପ୍ରାୟ ୫୦ ଏକର ଜମିରେ ଜଳସେଚନ ହୋଇପାରୁଥିଲା। ଇତିମଧ୍ୟରେ ଏହାର ରକ୍ଷଣାବେକ୍ଷଣ ପାଇଁ ବିପୁଳ ପରିମାଣର ଅର୍ଥ ବିନିଯୋଗ ହୋଇଛି। ହେଲେ ସମ୍ପୃକ୍ତ ଚାଷୀଙ୍କ ଜମିରେ ବୁନ୍ଦାଏ ବି ପାଣି ମାଡୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଏମ୍ଆଇପିର ନିର୍ବାହୀ ଯନ୍ତ୍ରୀ ଜି. ରାମକୃଷ୍ଣନ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଏମ୍ଆଇପିରେ ପାଣି ମହଜୁଦ ରହିଛି, ସେଥିରୁ ଚାଷୀମାନଙ୍କ ଜମିରେ ଜଳସେଚନ ହୋଇପାରିଛି। କେନାଲଗୁଡିକର ମରାମତି କରାଯାଇ ଜଳସେଚନକୁ ଗୁରୁତ୍ୱ ଦିଆଯାଉଛି। ରାଣୀବନ୍ଧ ଏମ୍ଆଇପିରୁ ମଧ ଜଳସେଚନ ହେଉଛି ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଯୁବ ଶିକ୍ଷକଙ୍କ ମୃତ୍ୟୁ

**ପାଣିକୋଇଲି, ୩।୯(ଡି.ଏନ.ଏ.):** ଏକ ସଡ଼କ ଦୁର୍ଘଟଣାରେ ପାଣିକୋଇଲି ଥାନା କରଦା ପଞ୍ଚାୟତ ରାଣିଗୋଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୌତମ ହେମ୍ବ୍ରମ (୩୬)ଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ନୂଆଗଡ଼ ଗ୍ରାମର ଦେହୁରୀ ଛେନାପଦି ଛକରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ହାଟଡିହି ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ସହିତ ଥିବା ୪ ବର୍ଷର ପୁଅ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି।

### ପାଣିକୋଇଲି ବିଜେଡି ସଭାପତିଙ୍କ ଇସ୍ତଫା

**ପାଣିକୋଇଲି, ୩।୯(ଡି.ଏନ.ଏ.):** କୋରେଇ ବ୍ଲକ ପାଣିକୋଇଲି ପଞ୍ଚାୟତ ବିଜେଡି ସଭାପତି ବିଜୟ କୁମାର ଷଡଙ୍ଗୀ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ସେ ତାଙ୍କର ଇସ୍ତଫା ପତ୍ର ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ଦଳୀୟ ଅଣଦେଖା ତଥା ତାଙ୍କ ସ୍ୱାସ୍ଥ୍ୟଗତ କାରଣକୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ସେ ଅବିଭକ୍ତ ପାଣିକୋଇଲି ପଞ୍ଚାୟତର ସଭାପତି ଭାବେ ଦୀର୍ଘ ବର୍ଷ ଧରି ଦାୟିତ୍ୱରେ ରହିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା କଂଗ୍ରେସ


ଆନ୍ଦୋଳନରତ କଂଗ୍ରେସ କର୍ମୀଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

## ଜାରକା ଛକରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ

**ଧର୍ମଶାଳା,୩।୯(ଡି.ଏନ.ଏ.)**

୧୬ ନଂ. ଜାତୀୟ ରାଜପଥର ଜାରକା ଛକ ନିକଟରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଉଭୟ ପାର୍ଶ୍ୱକୁ ଚଳାଚଳ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଠାରେ ଦୀର୍ଘ ଦିନ ହେଲା ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଗାଡି ଗୁଡିକ ଆପ୍ରୋଚ ରୋଡରେ ଯାତାୟାତ କରୁଛି। ଗୁରୁବାର ଏହି ରାସ୍ତାରେ ଏକ ଟିପ୍ପ ବୋଝେଇ ହାଇୱା ଓଲଟି ପଡ଼ିବାରୁ ଜଣେ ଯୁବକ ତଳେ ଚାପି ହୋଇ ରହିଥିଲେ। ଦେଢ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ମନୋମୁଖୀ କାର୍ଯ୍ୟ କରୁଥିବା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ଶୁକ୍ରବାର ରାଜପଥକୁ କିଛି ସମୟ ପାଇଁ କଂଗ୍ରେସ ପକ୍ଷରୁ ଅବରୋଧ କରାଯାଇଥିଲା। ସମ୍ପୃକ୍ତ ଠିକାସଂସ୍ଥା ସର୍ଭିସ ରୋଡ ତିଆରି ନ କରି ଡ୍ରେନ କାମ କରିବା ଆଳରେ ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ପକାଇଛି। ଫଳରେ ଲୋକେ ରାସ୍ତା ପାରି ହେବାରେ ସମସ୍ୟା ସୃଷ୍ଟି ହେଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆନ୍ଦୋଳନରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଷାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡା, ସୁଧାକର ରାଉତ, ପ୍ରଫୁଲ୍ଲ କୁମାର ରାୟ, ଉଗ୍ରେସନ ମହାନ୍ତି, ଦେବାଶିଷ ପରିଡା, ଯୁବନେତା ଅନୁକୂଳ ଧଳ, ଶ୍ୟାମସୁନ୍ଦର ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଉଭୟ ପାର୍ଶ୍ୱରେ ଚଳାଚଳ କରୁଥିବା ଗାଡିକୁ ଅଟକାଇଥିଲେ। ଧର୍ମଶାଳା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜାରକା ବିଟ ହାଉସ ଅଧିକାରୀ ରାଜକିଶୋର ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଠିକାସଂସ୍ଥା କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସିବାକୁ ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ପରେ ଠିକାସଂସ୍ଥାର ପ୍ରକଳ୍ପ ମୁଖ୍ୟ ହରିହର ସିଂ ଓ ଏସ୍‌କେ ସିଂହ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଡ୍ରେନ କାମ ବନ୍ଦ କରି ସର୍ଭିସ ରୋଡ ନିର୍ମାଣକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକୁ ଆସନ୍ତା ୭ଦିନ ମଧ୍ୟରେ ସାରିବାକୁ ଠିକା ସଂସ୍ଥା ପ୍ରତିଶ୍ରୁତି ଦେଇଛି।

### ଜିଲାପାଳଙ୍କୁ ଦାବିପତ୍ର

**ଧର୍ମଶାଳା,୩।୯(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ଜାରକା ବଜାରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଦିନକୁଦିନ ଏଠାରେ ଦୁର୍ଘଟଣା ବଢ଼ିବା ସହ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଯୁବ କଂଗ୍ରେସ ଦାବି କରିଛି। ଏନେଇ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କରଙ୍କ ନେତୃତ୍ୱରେ କର୍ମୀମାନେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ୫ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓ ଅରବିନ୍ଦ ବେହେରାଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଜେନା, ଗଗନ ପାଳ, ପପୁ ରଣା, ପ୍ରସନ୍ନ ପାଳ ଓ ଅନୁକୂଳ ଧଳ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

### ଡିଆର୍‌ଏମ୍‌ଙ୍କ ଜିନ୍ଦଲ ରେଲୱେ ସାଇଡିଂ ପରିଦର୍ଶନ


ଡିଆର୍‌ଏମ୍ ରିଙ୍କେଶ ରାୟ ଜେଏସ୍‌ଏଲ୍‌ର ରେଲୱେ ସାଇଡିଂ ପରିଦର୍ଶନ କରୁଛନ୍ତି।

**କଳିଙ୍ଗନଗର,୩।୯(ଡି.ଏନ.ଏ.)**

ଖୋର୍ଦ୍ଧା ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍) ରିଙ୍କେଶ ରାୟ ଗୁରୁବାର କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ ଲିଃ (ଜେଏସ୍‌ଏଲ୍)ର ରେଲୱେ ସାଇଡିଂକୁ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ସିନିୟର ଅପରେଶନ ମ୍ୟାନେଜର କେଭିଏସ୍‌ଆର୍‌କେ କିଶୋର, କର୍ମସିଆଲ ମ୍ୟାନେଜର ଅମିତେଶ ଆନନ୍ଦ, ମେକାନିକାଲ ଇଞ୍ଜିନିୟର ଦୀନେଶ କୁମାର, ଟେଲିକମ୍ୟୁନିକେଶନ ଇଞ୍ଜିନିୟର ଦୀପ୍ତାଂଶୁ ଶର୍ମା ଓ ଡିଭିଜିନାଲ ଇଞ୍ଜିନିୟର ପଙ୍କଜ କୁମାର ନାଗବାଣୀ ସାମିଲ ହୋଇଥିଲେ। ଜିନ୍ଦଲ କମ୍ପାନୀର ଲଜିଷ୍ଟିକ ଜିଏମ୍ ରାଜ ଆଲୋକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଯାଜପୁର, ଦଶରଥପୁର ବ୍ଲକ୍‌କୁ ମରୁଡ଼ି ଘୋଷଣା ଦାବି

**ଯାଜପୁର ଟାଉନ,୩।୯(ଡି.ଏନ.ଏ.)**

କଂଗ୍ରେସ ପକ୍ଷରୁ ଯାଜପୁର ଓ ଦଶରଥପୁର ବ୍ଲକ୍‌କୁ ମରୁଡ଼ି ଘୋଷଣା ଦାବି କରାଯାଇଛି। ଏନେଇ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଯାଜପୁର ଏବଂ ଦଶରଥପୁର ବ୍ଲକ୍‌ର ପ୍ରାୟ ୮୦% ଧାନଚାଷ ଅସ୍ୱାଭାବିକ ଓ କମ୍ ବର୍ଷା ଯୋଗୁ ନଷ୍ଟ ହୋଇଗଲାଣି। ସରକାର ଜଳକର ଆଦାୟ କରୁଥିବା ଅଞ୍ଚଳଗୁଡ଼ିକରେ ବିଲ ଶୁଖିଲା ପଡ଼ିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମରୁଡ଼ି କ୍ଷତିଗ୍ରସ୍ତ ଚାଷୀ କାମ କରି ପରିବାର ପ୍ରତିପୋଷଣ କରିବା ପାଇଁ ବ୍ୟବସ୍ଥା ଥିଲେ ସୁଦ୍ଧା ବ୍ଲକ୍‌ରେ ଥିବା ଅସାଧୁ କର୍ମଚାରୀ, ଯନ୍ତ୍ରୀ, ଠିକାଦାର ଓ ଦଲାଲଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଖରିଫ୍ ଧାନଚାଷ ପାଇଁ ଚାଷୀ ବିଭିନ୍ନ ବ୍ୟାଙ୍କରୁ ଋଣ କରି ଶୁଝି ନ ପାରିବା ଭୟରେ ମୁଣ୍ଡରେ ହାତଦେଇ ବସିଛି। ଏ ବାବଦରେ କୃଷି ବିଭାଗ ନୀରବଦ୍ରଷ୍ଟା ସାଜିଥିବାବେଳେ ଜିଲା ପ୍ରଶାସନ ସ୍ଥାଣୁ ହୋଇଯାଇଛି। ଏହି ଦୁଇ ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ସହିତ କ୍ଷତିଗ୍ରସ୍ତ ଚାଷୀ, ଭାଗଚାଷୀ, ନାମମାତ୍ର ଚାଷୀଙ୍କ କୃଷିଋଣ ଛାଡ଼, ରବି ଋତୁରେ ଚାଷକୁ ଭରଣା କରିବାପାଇଁ କ୍ଷତିପୂରଣ ଓ କୃଷିଋଣ ମଞ୍ଜୁର ପାଇଁ ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ପଣ୍ଡା, ହୃଷୀକେଶ ପତି, ସରପଞ୍ଚ ଗଣେଶ୍ୱର ଦାସ, ବିଳାସ ରାଉତରା, ନକୁଳଦେବ ସାହୁ ଏବଂ ଆଦିତ୍ୟ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏ ଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଲେ ବ୍ଲକ୍ ଘେରାଉ ଅନଶନ ଜାରି ରହିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦମନ ନୀତି: ଅଭିଯୋଗକାରୀ ଗିରଫ

## ରାହାଡ଼ପୁରରେ କଳାପଥର ଲୁଟ୍ ମାମଲା

**ଯାଜପୁର ଅଫିସ,୩।୯**

ଧର୍ମଶାଳା ତହସିଲ ଅଧୀନରେ ଥିବା କଳାପଥର ଲୁଟ୍ ଘଟଣାରେ ଜିଲା ପ୍ରଶାସନ ପୂର୍ବରୁ ବଦନାମ ହୋଇ ସାରିଛି। ହାଇକୋର୍ଟ ଏକାଧିକ ଥର ଜିଲା ପ୍ରଶାସନକୁ ଜବାବ ତଲବ କରିଥିବାବେଳେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ମଧ ୨୫ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଆରୁହା ପାହାଡ଼କୁ ନେଇ ଲୋକାୟୁକ୍ତ ମାମଲାରେ ମଧ ଜିଲା ପ୍ରଶାସନ ଛନ୍ଦି ହୋଇଛି। ଏହି କ୍ରମରେ ସାଧାରଣ ଲୋକଙ୍କ ସ୍ୱରକୁ ଦବେଇବାକୁ ଉଦ୍ୟମ ହେଉଛି। କଳାପଥର ଲୁଟ୍ ନେଇ ହାଇକୋର୍ଟରେ ଅଭିଯୋଗ କରିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏନେଇ ଆଇନଜୀବୀ ଉଦୟନାଥ ସାହୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଜେନାପୁର ପୋଲିସ ଆହୁରି ପ୍ରତିକ୍ରିୟାଶୀଳ ହୋଇଥିବା ସୂଚନା ମିଳିଛି।

ଗୁରୁବାର ଡଙ୍କାରୀ ରାଜସ୍ୱ ସର୍କଲର ରାହାଡ଼ପୁର ପାହାଡ଼ରେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ୫ଟି ଟ୍ରକ ଓ ଗୋଟିଏ କମ୍ପ୍ରେସର ଜବତ କରାଯାଇଥିଲା। ତେବେ ରାହାଡପୁର ପାହାଡରେ ବେଆଇନ ପଥର ଉତ୍ତୋଳନ ଉପରେ ଗତ ଜାନୁୟାରୀରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(୩୧୩/୨୧)ରେ ରୁଜୁ ହୋଇଥିଲା। ବଳଦେବ ରାଉତଙ୍କ ଏହି ଅଭିଯୋଗକୁ ଶୁଣାଣି କରି ହାଇକୋର୍ଟ ୪।୨।୨୦୨୧ରେ ଜିଲାପାଳଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳ ଏହା ଉପରେ ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ଏହାପରେ ଅଗଷ୍ଟରେ ଜିଲାପାଳ ମିସ୍‌କେସ ରୁଜୁ କରି ବଳଦେବଙ୍କୁ ୨୧।୯।୨୦୨୧ ଅପରାହ୍ନ ୪ଟାରେ ତାଙ୍କ କୋର୍ଟରେ ଉପସ୍ଥିତ ରହିବାକୁ ନୋଟିସ ଜାରି କରିଥିଲେ। ଏଥିପାଇଁ ବଳଦେବ ସଜବାଜ ହେଉଥିବାବେଳେ ତହସିଲଦାର ସଦଳବଳ ରାହାଡପୁର ଉପରେ ଚଢାଉ କରିଥିଲେ। ତେବେ ତାଙ୍କ ମାମଲା ଉପରେ ତଦନ୍ତ ହେଉଥିବା ଅନୁମାନ କରି ବଳଦେବ ତହସିଲଦାରଙ୍କୁ ଚଢାଉ ସ୍ଥାନରେ ସାକ୍ଷାତ୍ କରି ଆଲୋଚନା କରିଥିଲେ। କିନ୍ତୁ ତାଙ୍କୁ ଭ୍ରମିତ କରୁଥିବା କହି ତହସିଲଦାର ବଳଦେବଙ୍କୁ ଗିରଫ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ବଳଦେବଙ୍କୁ ଏହି ମାମଲାରେ ଛନ୍ଦି ଦେଇ କ'ଣ ପ୍ରମାଣ କରିବାକୁ ଉଦ୍ୟମ କରୁଛି ବୋଲି ଆଇନଜୀବୀ ସାହୁ ପ୍ରଶ୍ନ କରିଛନ୍ତି।

# ହୋଇପାରୁନି ସେତୁ ସଂଯୋଗୀକରଣ ରାସ୍ତା

- ଜମି ଅଧିଗ୍ରହଣ ସମସ୍ୟା ବଢୁଛି
- ୩ ବର୍ଷ ହେଲା ସରିଛି ପୋଲ ନିର୍ମାଣ

**ଚଣ୍ଡିଖୋଲ,୩।୯(ଡି.ଏନ.ଏ.)**

ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗର ଚଣ୍ଡିଖୋଲ ଉପଖଣ୍ଡ ଅଧୀନ ବାଉଜଙ୍ଗ-ଧାଉଡ଼ିଆପଦା ରାସ୍ତାର ଚାରିନଙ୍ଗଳଠାରେ ବିରୂପା ନଦୀରେ ବହୁପ୍ରତୀକ୍ଷିତ ସେତୁ ନିର୍ମାଣ ହୋଇଛି। ହେଲେ ଏପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ହୋଇ ପାରିନାହିଁ, ଯାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବିଭାଗୀୟ ଅବହେଳା ପାଇଁ ୨୦୧୯ରୁ ସେତୁ ନିର୍ମାଣ ସରିଥିଲେ ମଧ ଆଜିଯାଏ ସଂଯୋଗୀକରଣ ରାସ୍ତା ହୋଇପାରି ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେତୁର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ ପାଇଁ ୨କୋଟି ୫୦ ଲକ୍ଷ ଟଙ୍କା ଆବଶ୍ୟକ ଥିବାବେଳେ ବିଭାଗ ପକ୍ଷରୁ ଜୁନ୍ ପ୍ରଥମ ସପ୍ତାହରେ ମାତ୍ର ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ହେଲେ ଆଜିଯାଏ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଉ ଅର୍ଥ ମଞ୍ଜୁର କରୁନାହାନ୍ତି। ଏନେଇ ଗ୍ରାମ୍ୟଉନ୍ନୟନ ବିଭାଗ ଯାଜପୁର-୨ର ନିର୍ବାହୀ ଯନ୍ତ୍ରୀ ଅଗଷ୍ଟ ୨୫ରେ ଚିଠି ସଂଖ୍ୟା ୨୯୦୮ରେ ମୁଖ୍ୟଯନ୍ତ୍ରୀ ସେତୁ ଓ କୋଠାବାଡିଙ୍କୁ ପତ୍ର ଲେଖି ଜମିଅଧିଗ୍ରହଣ ପାଇଁ ବଳକା ଅର୍ଥରାଶି ଶୀଘ୍ର ଅନୁମୋଦନ ପାଇଁ ଅନୁରୋଧ କରିଛନ୍ତି।

ଅପରପକ୍ଷରେ ଜମିଅଧିଗ୍ରହଣରେ ବିଭାଗର ଅବହେଳା ଓ ଅହେତୁକ ବିଳମ୍ବ ପାଇଁ ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା କାର୍ଯ୍ୟରୁ ଓହରିଯାଇଛି। ବିଭାଗୀୟ ସୂତ୍ରରୁ ଜଣାଯାଇଛି ଯେ, ଜମି ଅଧିଗ୍ରହଣ ପରେ ପୁନର୍ବାର ସଂଯୋଗୀକରଣ ରାସ୍ତା ପାଇଁ ଟେଣ୍ଡର ହେବ। ଏହି ସେତୁଟି ଚାରିନଙ୍ଗଳ ମୌଜାରେ ନିର୍ମାଣ କରାଯାଇଛି। ଚାରିନଙ୍ଗଳ ମୌଜାର ବନ୍ଦୋବସ୍ତ କାର୍ଯ୍ୟ ୧୯୨୯ ପରଠାରୁ ଆଉ କରାଯାଇନାହିଁ। ଫଳରେ ପ୍ରକୃତ ଜମି ମାଲିକଙ୍କୁ ଚିହ୍ନଟ କରିବା ପ୍ରଶାସନ ପାଇଁ କଷ୍ଟକର ହେବ। ୯୨ ବର୍ଷତଳେ ବାହାରିଥିବା ଜମିର ପଟ୍ଟାକୁ ଧରି ପ୍ରଶାସନ ଜମିଅଧିଗ୍ରହଣ କରିବାକୁ ଚେଷ୍ଟା ଚଳାଇଥିବା ବେଳେ ଏହା ମଧ୍ୟରେ ସମ୍ପୃକ୍ତ ଜମି ଅନେକ ବାର ବିକ୍ରି ଖର୍ଦ୍ଦି ହୋଇଥିବା ଜଣାଯାଇଛି, ଯାହାକି ପ୍ରକୃତ ଜମି ମାଲିକଙ୍କୁ ଚିହ୍ନଟ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଯଦି ଏପରି ସମସ୍ୟା ଦେଖାଦିଏ ତାହେଲେ କେବେ ଏହି ସେତୁ ସଂଯୋଗୀକରଣ ରାସ୍ତା ହେବ ତାହା କହିବା ମୁସ୍କିଲ।

ସୂଚନା ଥାଉକି, ବଡ଼ଚଣା ବ୍ଲକ ଚାରିନଙ୍ଗଳଠାରେ ବିରୂପା ନଦୀ ଉପରେ ସେତୁ ନିର୍ମାଣ ପାଇଁ ୨୭।୧୦।୨୦୧୪ରେ ବିଭାଗୀୟ ମଞ୍ଜୁରୀ ମିଳିଥିଲା। ସେତୁ ନିର୍ମାଣ ଦ୍ୱାରା ଚାରିନଙ୍ଗଳ, ପତରାଜପୁର, ଗୋପାଳପୁର, ଅଚ୍ୟୁତବସନ୍ତ ଓ ମାଣ୍ଡୁକା ଆଦି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି ଲକ୍ଷଧାର୍ଯ୍ୟ କରାଯାଇଥିଲା। ସେତୁର ନିର୍ମାଣ କାର୍ଯ୍ୟ ୨୦୧୬ରେ ଆରମ୍ଭ ହୋଇ ୨୦୧୯ ମାର୍ଚ୍ଚ ଶେଷବେଳକୁ ସରିଥିଲା। ତେବେ ଏହି ପ୍ରକ୍ରିୟାରେ ବିଭାଗକୁ ସେତୁ କ୍ରିୟାନୁଷ୍ଠାନ କମିଟି ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କମିଟି ସଭାପତି ଅଜୟ ସାମଲ ପ୍ରକାଶ କରିଛନ୍ତି। ଏନେଇ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ର କହିଛନ୍ତି, ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯାଇ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବ।


ସେତୁ ସଂଯୋଗୀକରଣ ରାସ୍ତା ଅଣ ଓସାରିଆ ହୋଇ ରହିଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ଛତ୍ରପୁର,୩।୯(ଡି.ଏନ.ଏ.): ବେଆଇନ୍ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଛତ୍ରପୁର ପୋଲିସ ଶୁକ୍ରବାର ଜଣକୁ କୋର୍ଟ ଚାଲାଣ କରିଛି। ସେ ହେଲେ ଛତ୍ରପୁର ଥାନା ବିରେଶ୍ୱର ମନ୍ଦିର ରୋଡର ଶିବରାମ ପଟନାୟକ। ତାଙ୍କଠାରୁ ୩ ୦ କିଗ୍ରା ୭୮୭ ଗ୍ରାମ ଗଞ୍ଜେଇ ଜବତ କରିଛି। ଶିବରାମ ଏକ ସାଇକେଲ ଯୋଗେ ଗଞ୍ଜେଇ ଧରି ଛତ୍ରପୁର କୋର୍ଟ ଷ୍ଟେଶନ ଗଳାଶଙ୍କ ରାସ୍ତାରେ ଆସୁଥିବା ବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୪୫୧/୨୧ ମାମଲା ରୁଜୁ ହୋଇଛି। ଚଢାଉରେ ଅତିରିକ୍ତ ତହସିଲଦାର ଯଶ୍ୱିନ ପ୍ରଧାନ, ପୋଲିସ ଏସ୍ଆଇ ସିଲୁ ଧଳ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ଏନ୍ଏସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୩।୯(ଡି.ଏନ.ଏ.): ବୁଗୁଡ଼ା ଏନ୍ଏସିର ବରିଷ୍ଠ କର୍ମଚାରୀ କାଳୁ ଚରଣ ରଥ ଅଗଷ୍ଟ ୩୧ରେ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ତାଙ୍କୁ ପୌର କର୍ମଚାରୀ ସଂଘ ତଥା କାର୍ଯ୍ୟାଳୟ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ, ପୌର କର୍ମଚାରୀ ସଂଘର ସଭାପତି ପୀତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଜେନା, ରାମକୃଷ୍ଣ ପଟ୍ଟନାୟକ, ରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ପାରଳାର ନୂତନ ଜଗନ୍ନାଥ ମନ୍ଦିର ନବୀକରଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଶେଷ

ପାରଳାଖେମୁଣ୍ଡି, ୩।୯(ଡି.ଏନ୍.ଏ.): ପାରଳାଖେମୁଣ୍ଡିଠାରେ ନିର୍ମାଣ ହେଉଥିବା ନୂତନ ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ପାରଳା ରାଜରାଜୁଡ଼ା ଅମଳର ବହୁ ପୁରାତନ ମନ୍ଦିରର ନିର୍ମାଣ ପାଇଁ ପାରଳାଖେମୁଣ୍ଡିର ଯୁବ ସାମାଜିକ କର୍ମୀ ତଥା ଜଗନ୍ନାଥ ଭକ୍ତ ଦୁର୍ଗାମାଧବ ପାଣିଗ୍ରାହୀ ଆଗେଇ ଆସି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପାରଳାର ବହୁ ଭକ୍ତ ବା ଶ୍ରଦ୍ଧାଳୁ ମଧ୍ୟ ଆର୍ଥିକ ସହାୟତା କରିଥିଲେ। ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ଭକ୍ତଙ୍କ ମିଳିତ ଉଦ୍ୟମରେ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟ ଶେଷ ହୋଇଛି। ଫାଉଣ୍ଡେଶନ କାର୍ଯ୍ୟର ସମାପ୍ତ ହେବା ସମୟର ଶେଷ ପଥରକୁ ଯୋଡିବା ବେଳେ ପାରଳା ରାଜକୁମାରୀ କଲ୍ୟାଣୀ ଦେବୀ ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କୁ ଅସଦାଚରଣ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୩।୯(ଡି.ଏନ.ଏ.):ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ ଦିଗପହଣ୍ଡି ପୋଲିସ ଶୁକ୍ରବାର ଚୁଡୁଙ୍ଗପୁର ଗ୍ରାମର ସୀମା ପାତ୍ରଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୨୬/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ଗତ ଗୁରୁବାର ଅଭିଯୁକ୍ତ ଜଣକ ଦିଗପହଣ୍ଡି ବଜାର ସାହିର ଜଣେ ବୃଦ୍ଧାଙ୍କୁ ଘରେ ପଶି ଟଣାଓଟରା କରିବା ସହ ଧମକ ଚମକ ଦେଇଥିଲେ। ବୃଦ୍ଧାଙ୍କ ବଡ଼ ପୁଅ ଦୌଡି ଆସିବାରୁ ଅଭିଯୁକ୍ତ ଜଣକ ସେଠାରୁ ଖସି ଯିବାକୁ ଉଦ୍ୟମ କରିବା ବେଳେ ଆଖପାଖରେ ଥିବା ଲୋକେ ତାଙ୍କୁ ଧରି ପୋଲିସକୁ ଜଣାଇଥିଲେ।

# ଉଠା ଜଳସେଚନ ପ୍ରକଳ୍ପ ପରିଚାଳନାରେ ତ୍ରୁଟି

## ୫୮୮ରୁ ୪୮୨ ପଏଣ୍ଟ କାର୍ଯ୍ୟକ୍ଷମ ଲକ୍ଷ୍ୟ


ପରିଚାଳନା ଅଭାବରୁ ଅଚଳ ହୋଇପଡିଥିବା ପଏଣ୍ଟ।

ଫୁଲବାଣୀ ଅଫିସ, ୩।୯

ରାଜ୍ୟରେ ସ୍ୱଳ୍ପ ବୃଷ୍ଟି ମରୁଡି ପରିସ୍ଥିତି ସୃଷ୍ଟି କରିଛି । ତେଣୁ ମୁଖ୍ୟମନ୍ତ୍ରୀ ସପ୍ତାହେ ମଧ୍ୟରେ ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କନ୍ଧମାଳ ଜିଲାରେ ଏହାର କାର୍ଯ୍ୟକାରୀତାକୁ ନେଇ ସନ୍ଦେହ ଉପୁଜିଛି। କାରଣ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ଏହାର ପରିଚାଳନା ଦାୟିତ୍ୱ ପାଣି ପଞ୍ଚାୟତକୁ ଦିଆଯାଏ । ପାଣି ପଞ୍ଚାୟତ ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରୁ ନ ଥିବା ଅଥବା ପ୍ରକଳ୍ପ ପରିଚାଳନାରେ ତ୍ରୁଟି ଯୋଗୁ ଏହାର ସୁଫଳ ମିଳୁନାହିଁ। ମରୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଠା ଜଳସେଚନ ବିଭାଗ ଜିଲାରେ ଥିବା ମୋଟ ୫୮୮ଟି ପଏଣ୍ଟରୁ ୪୮୨ଟି କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛି । ଏହା ହେଲେ ପ୍ରକଳ୍ପ ଅଧିନରେ ଥିବା ୯୮୨୦ ହେକ୍ଟର ଚାଷ ଜମିରେ ପାଣି ମାଡିବ। ଖଜୁରିପଡା, ଚକାପାଦ, ଜି.ଉଦୟଗିରି ଏବଂ ରାଇକିଆ ବ୍ଲକରେ ନଦୀ ନ ଥିବାରୁ ଏବଂ ନାଳରେ ପାଣିର ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟକ୍ଷମରେ ଅନ୍ତରାୟ ସୃଷ୍ଟି କରୁଛି।

ବିଭାଗୀୟ ସୂଚନା ଅନୁସାରେ, କନ୍ଧମାଳରେ ୫୮୮ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ୯୩ଟି ଅଚଳ ହୋଇପଡିଛି। ଫୁଲବାଣୀ ବ୍ଲକରେ ୫୫ଟି ପ୍ରକଳ୍ପରୁ ୧୧ଟି ଅଚଳ ଥିବା ବେଳେ ଫିରିଙ୍ଗିଆରେ ୯୭ଟିରୁ ୧୧, ଖଜୁରିପଡାରେ ୪୧ରୁ ୧୬, ଟିକାବାଲିରେ ୪୭ରୁ ୧୦, ଚକାପାଦରେ ୩୩ରୁ ୫, ଦାରିଙ୍ଗିବାଡିରେ ୨୫ଟିରୁ ଗୋଟିଏ, ଜି.ଉଦୟଗିରିରେ ୧୩ରୁ ୧୧, ରାଇକିଆରେ ୩୧ରୁ ୫, ବାଲିଗୁଡାରେ ୬୮ରୁ ୯, କ.ନୂଆଗାଁରେ ୪୬ରୁ ୮, ତୁମୁଡିବନ୍ଧରେ ୯୬ରୁ ୩ ଓ କୋଟଗଡ ବ୍ଲକରେ ୩୬ଟି ପ୍ରକଳ୍ପରୁ ୩ଟିକୁ ମିଶାଇ ମୋଟ ୯୩ ପ୍ରକଳ୍ପ ଅଚଳ ପଡିଛି। ବିଶେଷ କରି ଜିଲାର ଫୁଲବାଣୀ, ଫିରିଙ୍ଗିଆ, ବାଲିଗୁଡା ଓ ତୁମୁଡିବନ୍ଧ ବ୍ଲକର ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଚାଷ କରିବାକୁ ଆଗ୍ରହ କରନ୍ତି। ସେମାନେ ଧାନ ସହ ପରିବା ଓ ମକା ଆଦି ଚାଷ କରନ୍ତି। ଅନ୍ୟ ବ୍ଲକରେ ଚାଷୀମାନେ ସେପରି ଆଗ୍ରହ ଦେଖାଉ ନାହାନ୍ତି। ଜିଲାର ଫୁଲବାଣୀରେ ସାଲ୍କି ନଦୀ, ତୁମୁଡିବନ୍ଧରେ ଖଡଗ ଓ ହାତୀ ନଦୀ, କ.ନୂଆଗାଁରେ ମେଲରୁଣୀ ନାଳ ଉପରେ ଯେଉଁ ପ୍ରକଳ୍ପ ହୋଇଛି ତାହା ଭଲ ଚାଲିଛି । ବର୍ଷା ଅଭାବରୁ ବାକି ସ୍ଥାନରେ ଥିବା ନଦୀ ନାଳରେ ଜଳ ପ୍ରବାହ କମ୍ ରହିଛି। ଫଳରେ ପ୍ରକଳ୍ପରୁ ଜମିକୁ ପାଣି ମାଡିବାରେ ଅସୁବିଧା ହେଉଛି । ଅନେକ ସମୟରେ ଚାଷୀମାନେ ମଧ୍ୟ ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି। ପାଣି ପଞ୍ଚାୟତର ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରକଳ୍ପ ଗୁଡିକ ଅକାମୀ ହୋଇପଡୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗର କ୍ଷେତ୍ର(ଫିଲଡ୍) କର୍ମଚାରୀମାନେ ପ୍ରକଳ୍ପ ଅଞ୍ଚଳ ଯାଇ ପାଣି ପଞ୍ଚାୟତକୁ ସଂଗଠିତ କରିବା ସହ କିପରି ସୁପରିଚାଳନା ହେବ ତାହା ଦେଖିବା କଥା। ସେମାନେ ଯାଉ ନ ଥିବାରୁ ଅସୁବିଧା ହେଉଛି । ବିଭାଗରେ କ୍ଷେତ୍ର କର୍ମଚାରୀ ନାହାନ୍ତି। ତଥାପି ଆମେ ଏ ଦିଗରେ ସମ୍ପୂର୍ଣ୍ଣ ଦୃଷ୍ଟି ଦେଉଛୁ । ଯେଉଁ ପାଣି ପଞ୍ଚାୟତ ଅକାମୀ ହୋଇପଡିଛି ତାହା କିପରି କ୍ରୀୟାଶୀଳ ହେବ ସେ ଦିଗରେ ଦୃଷ୍ଟି ଦିଆଯାଉଛି। ଏପରିକି ବିଦ୍ୟୁତ୍ ଦେୟ ବାକି ଥିଲେ ବି ସାମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଚାଲୁ ରଖିବାକୁ ବିଭାଗକୁ କୁହଯାଇଛି ବୋଲି ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରୁଦ୍ର ପ୍ରସାଦ ମିଶ୍ର କହିଛନ୍ତି।

# ଏନ୍ଏସି-ପଞ୍ଚାୟତ ସମନ୍ୱୟ ବୈଠକ


ବୈଠକରେ ଉପସ୍ଥିତ ବିଧାୟିକା ଓ ବିଜେଡି କର୍ମକର୍ତ୍ତା।

କବିସୂର୍ଯ୍ୟନଗର,୩।୯(ଡି.ଏନ.ଏ.)

ଆଗକୁ ତ୍ରିସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡିର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସ୍ଥାନୀୟ ବିଧାୟିକାଙ୍କ ଉଦ୍ୟମ କ୍ରମେ ସମସ୍ତ ୯ଟି ପଞ୍ଚାୟତ ଓ ଏନ୍ଏସିର ସମସ୍ତ ବିଜେଡି କର୍ମକର୍ତ୍ତା, ଛାତ୍ରନେତା, ପ୍ରାକ୍ତନ କାଉନ୍ସିଲର, ଚାଷୀନେତା, ବଣିକ ସଂଘ ନେଇ ଏନ୍ଏସି -ପଞ୍ଚାୟତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପୁରୁଣା ବିଜେଡିକୁ ଘର ଲେଉଟଣା ପର୍ବ ଓ ନୂତନ ଯୁବ ବିଜେଡି କର୍ମକର୍ତ୍ତା, ଛାତ୍ର ବିଜେଡି କର୍ମକର୍ତ୍ତା, ସୋସିଆଲ ମିଡ଼ିଆର କର୍ମକର୍ତ୍ତା ଆଦିକୁ ଉପଢୌକନ ଫୁଲଗୁଚ୍ଛ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇବର୍ଷ ମଧ୍ୟରେ କବିସୂର୍ଯ୍ୟନଗରର ବିକାଶ ସମ୍ପର୍କରେ ଏକ ଲମ୍ବା ତାଲିକା ଉପସ୍ଥାପନା କରିଥିଲେ। ବୈଠକରେ ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ର, ମହିଳା ନଗର ବିଜେଡି ସଭାପତି ଲକ୍ଷ୍ମୀପ୍ରିୟା ସାହୁ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ସହର ବିଜେଡି ନଗର ସଭାପତି ରସଲ ଦାସ, ବରିଷ୍ଠ ବିଜେଡି ନେତା ଭକ୍ତଚରଣ ନାୟକ ଓ ଚନ୍ଦ୍ରଶେଖର ପ୍ରଧାନ, ଜିଲା ଯୁବ ବିଜେଡି ସମ୍ପାଦକ ସୂର୍ଯ୍ୟନାରାୟଣ ନାୟକ, ନଗର ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ କୁମାର ସାହୁ, ଆଠଗଡ଼ ସରପଞ୍ଚ ସୁନୀଲ କୁମାର ପୋଲାଇ ପ୍ରମୁଖ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

# ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଲୋକମାନେ ଧାରଣାରେ ବସିଛନ୍ତି।

ପାରଳାଖେମୁଣ୍ଡି, ୩।୯(ଡି.ଏନ୍.ଏ.)

ରାୟଗଡ଼ ବ୍ଲକ ଲାଇଲାଇ ପଞ୍ଚାୟତ ସାନଲୋବା ଅନ୍ତର୍ଗତ କାର୍ଜୀ ସାହି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ଶୁକ୍ରବାର ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦେଶ ସ୍ୱାଧୀନତା ପାଇ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଉକ୍ତ ଗ୍ରାମରେ ରାସ୍ତା ଆଦୌ ନ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜୋରସରରେ ଚାଲୁଥିବା କଥା ସରକାର କହୁଥିବା ବେଳେ ଜିଲାରେ ବହୁ ଗ୍ରାମାଞ୍ଚଳ ଦୁର୍ଗମ ପରିସ୍ଥିତିରେ ପଡି ରହିଛି । ଜରୁରୀ ପରିସ୍ଥିତିରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଘେରା ପାଦଚଲା ରାସ୍ତାରେ ଜୀବନକୁ ବାଜି ଲଗାଇ ପ୍ରତିମୁହୂର୍ତ୍ତରେ ବିପଦ ଗଣି ଚାଲିଥାନ୍ତି। ଉକ୍ତ ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳୁନି। ଫଳରେ ସେଠାକାର ସମିତିସଭ୍ୟ ମୋହନ ଭୂୟାଁଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ୩ ଘଣ୍ଟା ଧରି ଧାରଣାରେ ବସିଥିଲେ। ଏଥିସହ ଏ ନେଇ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଆସି ବୁଝାଶୁଝା କରି ରାସ୍ତା ନିର୍ମାଣ ଲାଗି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ

ବୁଗୁଡ଼ା,୩।୯(ଡି.ଏନ.ଏ.)

କରୋନା ମହାମାରୀରୁ ସୁରକ୍ଷା ତଥା ବିଶ୍ୱ ଶାନ୍ତି ପ୍ରତିଷ୍ଠା ସକାଶେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି.ବ୍ରହ୍ମପୁର ଗ୍ରାମ ନିକଟସ୍ଥ ଶ୍ରୀରାଧା ଗୋପୀନାଥ ମନ୍ଦିରରେ ଗତ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ପାରାୟଣ ଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଗୋପାଳ କୃଷ୍ଣ ଦାଶ, ନରେଶ କୁମାର ଦାଶ, କବିରାଜ ଗୌଡ଼, ସୀମାଞ୍ଚଳ ଦାଶ, ସୋମନାଥ ବେହେରା ଓ ମଙ୍ଗୁଳୁ ଚରଣ ଦାଶ ପରିଚାଳନା କରିଥିବା ବେଳେ ମନ୍ଦିରର ପୂଜକ ସରୋଜ ପଣ୍ଡା ଓ ଜୟକୃଷ୍ଣ ପାଢ଼ୀଙ୍କ ସମେତ ଏଥିରେ ବି. ବ୍ରହ୍ମପୁର ଗ୍ରାମବାସୀ ସହଯୋଗ କରିଥିଲେ।

### ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ

ବୁଗୁଡ଼ା,୩।୯(ଡି.ଏନ.ଏ.)

ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ତଳଓଡ଼ିଆ ସାହି ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସେକ୍ଟର ସ୍ତରୀୟ ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସିଡିପିଓ ରଞ୍ଜିତା ତ୍ରିପାଠୀ, ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ପ୍ରସୂତି, ଗର୍ଭବତୀ ଓ ଶିଶୁମାନଙ୍କ ସକାଶେ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଅଧୀନରେ ଥିବା ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଉପସ୍ଥିତ ଥିଲେ।

# ଦୁଇ ମହିଳା ପୋଲିସ ପାଇବେ ମୁଖ୍ୟମନ୍ତ୍ରୀ ପଦକ


ଆଇଆଇସି ବିୟୁଟି ମହାନ୍ତି ଓ ଏସଆଇ ତରୁଲତା ବେହେରା।

ପୁରୁଷୋତ୍ତମପୁର,୩।୯(ଡି.ଏନ.ଏ.)

ଗଞ୍ଜାମ ଜିଲାର ଦୁଇ ମହିଳା ପୋଲିସ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରି ପଦକ ପ୍ରଦାନ କରିବାକୁ ମନୋନୀତ କରିଛନ୍ତି। ଏହି ଅଫିସର ଦ୍ୱୟ ହେଲେ ପୁରୁଷୋତ୍ତମପୁର ଥାନାର ପୂର୍ବତନ ଏସ୍ଆଇ ତଥା ବର୍ତ୍ତମାନ ଭୁବନେଶ୍ୱର କମିଶନରେଟ ପୋଲିସର ମର୍କତନଗର ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରୁଥିବା ବିୟୁଟି ମହାନ୍ତି ଓ ପୁରୁଷୋତ୍ତମପୁର ଥାନାରେ କାର୍ଯ୍ୟରତ ଏସଆଇ ତରୁଲତା ବେହେରା।

ସରକାରଙ୍କ ୫-ଟି ଅଧୀନରେ ବିଭିନ୍ନ ଆପରାଧିକ ମାମଲାର ଠିକ୍ ରୂପେ ତଦନ୍ତ କରିବା ସହ ସରକାରଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିଥିବାରୁ ଉକ୍ତ ଦୁଇ ମହିଳା ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପଦକ ପ୍ରଦାନ କରାଯିବ।

# ଦେଶୀ କୁକୁଡ଼ାଘର ଉଦ୍‌ଘାଟିତ

ବେଗୁନିଆପଡ଼ା,୩।୯(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଓଡ଼ିଶା ଜୀବିକା ମିଶନ ଶକ୍ତି ଏବଂ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଆନୁକୂଲ୍ୟରେ ପ୍ରୋଜେକ୍ଟ ଦେଶୀ ଆଦର୍ଶ କୁକୁଡ଼ା ଫାର୍ମ ଘରର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଶୁକ୍ରବାର ଏସ. ଛଚିନା ପଞ୍ଚାୟତର ଉଜ୍ଜ୍ୱଳପଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏବଂ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉ ସାହେବ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଉକ୍ତ ଫାର୍ମଗୁଡିକୁ ବୁଲି ଦେଖିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଉଦ୍ୟମ ଓ ଇଚ୍ଛା ଶକ୍ତିକୁ ବିଧାୟିକା ପ୍ରଶଂସା କରିଛନ୍ତି । ଏହି ବ୍ଲକର ଏସ୍.ଛଚିନା, ମର୍ଦ୍ଦକୋଟ, ବରିଡ଼ା ଓ ଖଣ୍ଡିଆନଈ ପଞ୍ଚାୟତରେ ୫୦ କୁକୁଡ଼ା ଫାର୍ମ ଉଦ୍‌ଘାଟିତ ହୋଇଯାଇଛି। ଫାର୍ମର ଅଟକଳ ମୂଲ୍ୟ ୩୯ ହଜାର ରହିଥିବା ବେଳେ ୫୦ କୁକୁଡ଼ା ଏହି ଫାର୍ମରେ ରହିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ବିଡିଓ ବେଦବର ପ୍ରଧାନ, ମିଶନ ଶକ୍ତି ଏପିଡି ନଳିନୀ ମିଶ୍ର, ଡିପିଏମ୍ ନବୀନ ସେନାପତି, ବ୍ଲକ ସଂଯୋଜକ ଦିଲ୍ଲୀପ ବେହେରା ଓ ଏଲମ ବିପିଏମ ଜ୍ଞାନରଞ୍ଜନ ରାଉତଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବାଲି ବୋଝେଇ ଟିପ୍ପର ଜବତ ୫୦ ହଜାର ଜରିମାନା ଆଦାୟ

ଶେରଗଡ,୩।୮(ଡି.ଏନ,ଏ.)

ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ଗୁରୁବାର ରାତିରେ ଡିଙ୍ଗିଶାଳ ଗ୍ରାମ ଦେଇ ଯାଉଥିବା ଏକ ବାଲି ବୋଝେଇ ଟିପ୍ପରକୁ ଜବତ କରିଥିଲେ। ଟିପ୍ପର ବେଆଇନ୍ ବାଲି ଚାଲାଣ କରୁଥିବା ଅଭିଯୋଗରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ଗାଡ଼ିକୁ ଛାଡି ଦେଇଥିଲେ। ଚଢାଉରେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ କୁମାର ନାହାକ , ପି .ପଞ୍ଚମା ଥିଲେ।

# ବିନା କଲଭର୍ଟରେ ଅର୍ଥ ଚଳୁ ଅଭିଯୋଗ

## ବଣମହୁରୀ ପଞ୍ଚାୟତରେ ଦୁର୍ନୀତି

କବିସୂର୍ଯ୍ୟନଗର,୩।୯(ଡି.ଏନ୍.ଏ.)

କଲଭର୍ଟ ନିର୍ମାଣ ନ କରି ଅର୍ଥ ଚଳୁ ହେଉ ବା ମୋ ଉପକାରୀ ବଗିଚା ଟଙ୍କା ପାଇବାରୁ ବଞ୍ଚିତ ହିତାଧିକାରୀ ସବୁ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ କବିସୂର୍ଯ୍ୟନଗର ବ୍ଲକ ବଣମହୁରୀ ପଞ୍ଚାୟତ ଚର୍ଚ୍ଚାରେ। ଅନେକ ଦୁର୍ନୀତି ଧରା ପଡିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ। ଫଳରେ ଦୁର୍ନୀତି କାୟା ବିସ୍ତାର ହେବାରେ ଲାଗିଛି ଏବଂ ଦୁର୍ନୀତିଖୋର ସରପଞ୍ଚ ଓ ଜିଆରଏସ୍ଙ୍କ ମନମୁଖି ଦୁର୍ନୀତି ଶାସନ ବଢ଼ିବାରେ ଲାଗିଛି। କେତେବେଳେ ମୃତ ଶ୍ରମିକମାନଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ତ ଆଉ କେତେବେଳେ ପ୍ରକଳ୍ପ ତିଆରି ନ କରି ଅର୍ଥ ହଡ଼ପ ଏବଂ ବିଜୁ ପକ୍କାଘର ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସବୁ କାର୍ଯ୍ୟରେ ଦୁର୍ନୀତି ମାଡି ଚାଲିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଏକ କଲଭର୍ଟ ରାଜୀବ ନଗର ସାହିଠାରୁ ତଳ ସାହି ରାସ୍ତାରେ କାର୍ଯ୍ୟ ନ କରି ସରକାରୀ ଟଙ୍କା ହଡ଼ପ କରିବା। ଏଥିରେ ଠିକାଦାର ଏବଂ ସରପଞ୍ଚ ଓ ଜିଆରଏସ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଜିଆରଏସ୍ଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଉ, ନଚେତ ଅନ୍ୟ କେଉଁ ବ୍ଲକକୁ ବଦଳାଯାଉ। ଏହା ନ କଲେ ଗ୍ରାମବାସୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରୁ ଏଭଳି ଦୁର୍ନୀତି କରୁଥିବା ଲୋକଙ୍କୁ ତଦନ୍ତରେ ଅନ୍ତର୍ଭୁକ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ, ୫ ଗିରଫ


ଜବତ ଗଞ୍ଜେଇ, ଟ୍ରକ୍ ସହ ଗିରଫ ଅଭିଯୁକ୍ତ ।

ଆର.ଉଦୟଗିରି/ପା,୩।୯(ଡି.ଏନ.ଏ.)

ଗଜପତି ଜିଲା ଅଡ଼ବା ଥାନା ନଳାଘାଟ ଅଞ୍ଚଳର ଏକ ଜଙ୍ଗଲରୁ ପୋଲିସ ଗୁରୁବାର ୧୫ ଜରି ଅଖାରେ ଭର୍ତ୍ତି ହୋଇଥିବା ୩୧୬ କେଜି ଗଞ୍ଜେଇକୁ ଜବତ କରିଛି। ଏହି ଘଟଣାରେ ୫ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଯହନ ରଇତ, ସନ୍ଦୀପ କୁମାର, ଦୀପକ ସିଂ, ସନ୍ଦୀପ ସିଂ, ସୁମିତ ନାୟକ। ଏ ନେଇ ନଂ. ୯୩/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରୁଥିବା ବେଳେ ଅଡବା ପୋଲିସ ସେଠାରେ ଚଢ଼ାଉ କରି ଟ୍ରକ୍, ବାଇକ୍କୁ ଜବତ କରିବା ସହ ସେମାନଙ୍କୁ ଧରିଥିଲା। ଏହି ଗଞ୍ଜେଇ ଗଜପତିରୁ ହରିୟାଣା ରାଜ୍ୟକୁ ଚାଲାଣ ହେଉଥିବା ପୋଲିସ କହିଛି।

# ଗୁରୁଗୁଡ଼ାବାସୀଙ୍କ ଶୋଷ ମେଣ୍ଟାଉଛି ଚୁଆ

## ଗାଁକୁ ନାହିଁ ପକ୍କା ରାସ୍ତା


ପାହାଡ଼ ନିକଟ ଚୁଆରୁ ପାଣି ନେଉଛନ୍ତି ।

ଆର.ଉଦୟଗିରି,୩।୯(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକରେ ବହୁ ସମସ୍ୟା ଲାଗି ରହିଛି। ମୋହନା ବ୍ଲକଠାରୁ ମାତ୍ର ୭ କି.ମି. ଦୂରରେ ରହିଛି ପାହାଡ଼ ପର୍ବତ ଘେରା ଗୁରୁଗୁଡା ଗ୍ରାମ। ଏହି ଗ୍ରାମକୁ ଯିବା ପୂର୍ବରୁ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ନିର୍ମାଣ ହୋଇଛି ଯାତ୍ରୀ ବିଶ୍ରାମାଗାର। ହେଲେ ଗାଁକୁ ପକ୍କା ରାସ୍ତା ନାହିଁ। ଗାଁର କୌଣସି ଲୋକ ରୋଗରେ ପଡ଼ିଲେ ମେଡିକାଲ ସୁବିଧା ପାଇଁ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଯାହାଫଳରେ ଅନ୍ୟ ଗ୍ରାମ ରାସ୍ତା ଦେଇ ୪ କି.ମି. ବୁଲି ମୁଖ୍ୟରାସ୍ତାକୁ ଆଣିବାକୁ ପଡୁଛି। ସେହିପରି ଗ୍ରାମରେ ୪୭ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ରହିଛି ଗୋଟିଏ ସୋଲାର ପାନୀୟ ଜଳ ପ୍ରକଳ୍ପ। ଏହା ଆବଶ୍ୟକ ମୁତାବକ ପାଣି ଯୋଗାଇପାରୁନି। ତେଣୁ ମହିଳାମାନେ ୫୦୦ ମିଟର ଦୂର ପାହାଡ଼ ନିକଟରେ ଥିବା ଚୁଆର ଦୂଷିତ ପାଣିକୁ ବ୍ୟବହାର କରନ୍ତି। ପାହାଡ଼ ଉପରୁ ପାଣି ଆଣିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ଗ୍ରାମବାସୀ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି କହିଛନ୍ତି।

**ସଂକ୍ଷେପରେ**

## ମହିଳାଙ୍କୁ ଅସଦାଚରଣ, ଯୁବକ ଜେଲ ଗଲେ

**ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଅଧୀନ ଗୋଳାପୋଖରୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ କାର୍ତ୍ତିକ ବେହେରା(୩୨)ଙ୍କୁ ଗିରଫ କରିଛି। ସେ ବ୍ୟବହାର କରୁଥିବା ବାଇକ୍‌କୁ ପୋଲିସ ଜବତ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଯୁବକଙ୍କ ଘର ନୟାଗଡ଼ ସଦର ଥାନା ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଘଟଣାରୁ ପ୍ରକାଶ ଜଣେ ମହିଳାଙ୍କ ପାଇଁ ବ୍ୟାଙ୍କରୁ ଋଣ କରାଇ ଦେବାକୁ କହି ଅଭିଯୁକ୍ତ ଯୁବକ ଜଣକ ତାଙ୍କୁ ଏକ ବାଇକ୍ ଯୋଗେ ଗ୍ରାମରୁ ନେଇ ଆସିଥିଲେ। ତେବେ ଖଣ୍ଡପଡା ବ୍ଲକରେ ଏକ ଜରୁରୀ କାମ ଅଛି ବୋଲି କହି କାର୍ତ୍ତିକ ମହିଳାଙ୍କୁ ଧରି ଗୋଳାପୋଖରୀ ଗାଁକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ଏକ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ଯୁବକ ଜଣକ ମହିଳାଙ୍କ ସହ ଅସଦାଚରଣ କରିଥିବା ନେଇ ସେ ଖଣ୍ଡପଡା ଥାନାରେ ଅଭିଯୋଗ କରଛନ୍ତି। ଏନେଇ ପୋଲିସ ପୋଲିସ ଏକ ମାମଲା ରୁଜୁ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ। ଅସଦାଚରଣର ଶିକାର ହୋଇଥିବା ମହିଳାଙ୍କ ଡାକ୍ତରୀ ମାଇନା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ଘଟଣାର ତଦନ୍ତ କରୁଥିବା ଏସ୍ଆଇ ଶ୍ରଦ୍ଧା ନାୟକ କହିଛନ୍ତି।

## କରୋନାରେ ୭ ଆକ୍ରାନ୍ତ

**ନୟାଗଡ ଅଫିସ,୩।୯:** ନୟାଗଡ ଜିଲାରେ କରୋନାରେ ଶୁକ୍ରବାର ରିପୋର୍ଟରେ ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬,୨୪୭ରେ ପହଞ୍ଚିଛି। ନୟାଗଡ ବ୍ଲକରୁ ୩, ନୂଆଗାଁରୁ ୨, ଓଡ଼ଗାଁ ଓ ରଣପୁରରୁ ୧ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୨୦୪ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି।

## ନୂତନ ବିଇଓଙ୍କ ଯୋଗଦାନ

**ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.) :** ଖଣ୍ଡପଡା ବ୍ଲକର ନୂତନ ଶିକ୍ଷାଧିକାରୀ ଭାବେ ପ୍ରତାପ କିଶୋର ପଟ୍ଟନାୟକ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏବିଇଓ ରବୀନ୍ଦ୍ର ନାଥ ରାଉତରାୟଙ୍କ ନେତୃତ୍ୱରେ କଳିଙ୍ଗ ଚନ୍ଦ୍ର ନାୟକ, ଦାଶରଥୀ ସାହୁ, ମୁଖ୍ୟ କିରାଣି ନିରଞ୍ଜନ ଜୟସିଂ, ସତ୍ୟ ନାରାୟଣ ମହାପାତ୍ର, ସଙ୍ଗୀତା ସାହୁ, ନିଖିଳ ଉତ୍କଳ ଶିକ୍ଷକ ସଂଘର କର୍ମକର୍ତ୍ତା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ ବିଇଓଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଥାଉ କି ପଟ୍ଟନାୟକ ପୂର୍ବରୁ ଲାଠିପଡା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଜୟନ୍ତୀ ସାହୁଙ୍କୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ଫେରାଇ ନିଆଯାଇଛି।

# ପାଠ ନ ପଢ଼ି ଡାକ୍ତର

**ପ୍ରେସ୍‌କ୍ରିପଶନ ଲେଖନ୍ତି, ରୋଗୀ ଦେଖନ୍ତି**

ନୟାଗଡ ଅଫିସ,୩।୯

- ଆନାସ୍ଥେସିଆ ଡାକ୍ତର ଭାବେ ଘରୋଇ କ୍ଲିନିକ୍‌ରେ ଡିମାଣ୍ଡ
- ଭ୍ରୂଣହତ୍ୟା ତଦନ୍ତରେ ଫସିଗଲେ ଅପାଠୁଆ ଡାକ୍ତର

ପାଠ ନ ପଢ଼ି ଡାକ୍ତର। ପୁଣି କ୍ଲିନିକ୍ କରି ଦେଖୁଥିଲେ ରୋଗୀ। ପ୍ରେସକ୍ରିପଶନ ବି ଲେଖୁଥିଲେ। ନୟାଗଡ଼ ଜିଲା ସଦର ମହକୁମାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପାଖରେ ଏଭଳିଆ ବେଆଇନ କ୍ଲିନିକ୍ ୮ବର୍ଷ ହେଲା ଚାଲୁ ରହିଛି। ଅନ୍ୟପକ୍ଷେ ଆନାସ୍ଥେସିଆ ଡାକ୍ତର ଭାବେ ସେ ବେଶ୍ ଜଣାଶୁଣା। ଘରୋଇ କ୍ଲିନିକରେ ତାଙ୍କର ବେଶ୍ ଡିମାଣ୍ଡ। ନୟାଗଡ଼ ସମେତ ପୁରୀ, ଭୁବନେଶ୍ୱରରେ ସେ କୁଆଡ଼େ ଯାଇ ଚିକିତ୍ସା କରନ୍ତି। ଏଭଳିଆ ନକଲି ଡାକ୍ତରଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ଗୁରୁବାର ରାତିରେ ପଚରାଉଚୁରା ପାଇଁ ଉଠାଇ ଆଣିଛି। ନୟାଗଡ଼ରେ ଘଟିଥିବା ଭ୍ରୂଣହତ୍ୟା ମାମଲାରେ ତାଙ୍କର କୁଆଡ଼େ ସମ୍ପୃକ୍ତି ଅଛି ବୋଲି ସନ୍ଦେହ କରାଯାଉଛି। ପୋଲିସ ହେପାଜତରେ ଅଟକ ଥିବା ନକଲି ଡାକ୍ତର ହେଲେ ବିଶ୍ୱନାଥ ଘଡ଼େଇ। ଘର ଓଡ଼ଗାଁ ବ୍ଲକର ନନ୍ଦିଘୋରରେ। ହେଲେ ସେ ନୟାଗଡ଼ରେ ରହି ରୋଗୀସେବା କରି ଆସୁଥିଲେ। ଦୀର୍ଘ ୮ବର୍ଷ ହେଲା ନକଲି ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ କାହିଁକି ଘଣ୍ଟ ଘୋଡ଼ାଇ ରଖିଥିଲେ ତାହା ତଦନ୍ତ ସାପେକ୍ଷ। ପ୍ରାପ୍ତ ସୂଚନା ଅନୁସାରେ, ଏହି ନକଲି ଡାକ୍ତରଙ୍କର ଅନେକ ଡାକ୍ତରଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ଜଣାପଡିଛି। ଏପରି କି ବହୁ ପ୍ରଭାବଶାଳୀ ଲୋକଙ୍କ ସହଯୋଗରେ ସେ ନିଜର ସାମ୍ରାଜ୍ୟକୁ ଅବାଧରେ ଚଳାଇ ଆସୁଥିଲେ।

### ଖଣ୍ଡିସିରେ ଅପାଠୁଆ ଡାକ୍ତରଙ୍କ ପାଖରେ ରୋଗୀ ଭିଡ଼

ରଣପୁର ବ୍ଲକ ଝାରପଡ଼ା ପଞ୍ଚାୟତ ଖଣ୍ଡିସିରେ ଏକ ବେଆଇନ କ୍ଲିନିକ ଚାଲିଛି। ଏଠାରେ ଭ୍ରୂଣହତ୍ୟା ଅବାଧରେ ଚାଲିଛି। ପୁଣି ଦାନ୍ତ ଉପୁଡା ଓ ଅପରେଶନ ହେଉଛି। ଝାଡା,ବାନ୍ତି, ଜ୍ୱର ରୋଗର ଚିକିତ୍ସା ହେଉଛି। ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ ଏହି ବେଆଇନ ସ୍ୱାସ୍ଥ୍ୟସେବା ଚାଲିଛି। କେତେଜଣ ରୋଗୀ ମଧ୍ୟ ଏଠାରେ ମରୁଛନ୍ତି। ଜଣେ ୭ମ ପାସ କରିଥିବା ବ୍ୟକ୍ତି ଏଠାରେ ଡାକ୍ତର ହୋଇ ରୋଗୀ ଦେଖୁଛନ୍ତି। ପାଖରେ ରହିଛି ତାଙ୍କର ମେଡିସିନ ଦୋକାନ। ଏହି ମେଡିସିନ ଦୋକାନରେ ସବୁ ବେଳେ ଚିକିତ୍ସା ପାଇଁ ରୋଗୀଙ୍କ ଭିଡ ଲାଗି ରହୁଛି। ତେବେ ଏହି ଅପାଠୁଆ ଡାକ୍ତରଙ୍କ ବେଆଇନ କ୍ଲିନିକ୍ ଓ ବେଆଇନ ରୋଗୀସେବା ଉପରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲଗାମ ଲଗାଯାଉନି। ନୟାଗଡ଼ ଜିଲା ସଦର ମହକୁମାର ନକଲି ଡାକ୍ତର ଫସିଥିବାବେଳେ ଖଣ୍ଡିସି ନକଲି ଡାକ୍ତରଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ସମୟ କହିବ।

### ପ୍ରୋପ୍ରାଇଟର ସାଜିଛନ୍ତି ଡାକ୍ତର

ନୟାଗଡ଼ ଜିଲା ସଦର ମହକୁମାରେ ୧୪ଟି ଘରୋଇ କ୍ଲିନିକ ଅଛି। ଏସବୁ ସରକାରୀ ଭାବେ ପଞ୍ଜୀକରଣ ହୋଇଛି। ହେଲେ ଅଧିକାଂଶ ଘରୋଇ କ୍ଲିନିକର ପ୍ରୋପ୍ରାଇଟର ସାଜିଛନ୍ତି ନକଲି ଡାକ୍ତର। ବେକରେ ଷ୍ଟେଥୋ ପକାଇ ରୋଗୀ ଦେଖୁଛନ୍ତି। ପ୍ରେସକ୍ରିପଶନ ଲେଖୁଛନ୍ତି। ବେଳେବେଳେ ଅପରେଶନ ବି କରୁଛନ୍ତି। ନୟାଗଡ଼ ସହରର ୪ ନାମୀଦାମୀ କ୍ଲିନିକ୍‌ରେ ଏପରି କାରନାମା ବେଶି ହେଉଛି। ତେବେ ୪ କ୍ଲିନିକ୍‌ରୁ ଜଣେ ଫସି ଗଲେ। ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ର ମାଲିକ ବକଳବନ୍ଧ ଗାଁର ସତ୍ୟପ୍ରିୟ ସ୍ୱାଇଁ ଭ୍ରୂଣ ହତ୍ୟା ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଅନ୍ୟମାନେ ଏଯାବତ ସେମାନଙ୍କର କାରନାମା ଚଳାଇ ଆସିଛନ୍ତି। ରାଜନୈତିକ ନେତା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ପ୍ରଶାସକଙ୍କୁ ଧରାଧରି କରି ନିଜର ବେଆଇନ କାର୍ଯ୍ୟ ଚଳାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ବିଗତ ୩ ବର୍ଷର ହିସାବକୁ ନେଲେ ଚଢ଼ାଉ ନ ଥିବାରୁ କ୍ଲିନିକଗୁଡିକରେ ଭ୍ରୂଣହତ୍ୟା ଚାଲିଥିବା ଅଭିଯୋଗ ରହିଛି। ହେଲେ ଏହା ଉପରେ ଚଢ଼ାଉ ହେଉନାହିଁ। ଏ ନେଇ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ବିଶ୍ୱନାଥ ଘଡେଇ ବିଏଏମ୍ଏସ୍ କରିଛନ୍ତି ବୋଲି କହୁଛନ୍ତି। ହେଲେ ସେ ଡାକ୍ତରୀ ପାଠ ପଢ଼ି ନ ଥିବା ଜଣାପଡିବା ପରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଯେଉଁ ନକଲି ଡାକ୍ତର ଧରପଗଡ ଅଭିଯାନ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ନୟାଗଡ ଟାଉନ ଥାନା ଆଇଆଇସି କହିଥିଲେ, ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ନକଲି ଡାକ୍ତର ଧରପଗଡ ଚାଲିଛି। କିଛିଦିନ ତଳେ ଘଟିଥିବା ଭ୍ରୂଣହତ୍ୟା ସହ ବିଶ୍ୱନାଥଙ୍କର କ’ଣ ସମ୍ପୃକ୍ତି ରହିଛି ତା’ର ତଦନ୍ତ କରାଯାଉଛି। ବିଶ୍ୱନାଥଙ୍କୁ ଅଟକ ନୁହେଁ ପଚରାଉଚୁରା କରାଯାଇ ଛଡା ଯାଉଛି। ପୁଣି ଦରକାର ପଡିଲେ ପଚରାଉଚୁରା ପାଇଁ ଡକାଯିବ।

**ନକଲି ଡାକ୍ତରଙ୍କ ଘରେ ଆବର୍ଜନା ପରେ ମୃତ ଭ୍ରୂଣ କୁଣ୍ଡ**

ନୟାଗଡ଼ର ଜଣେ ନକଲି ଡାକ୍ତରଙ୍କ ଘରେ ରହିଛି ଆବର୍ଜନା ପରେ ମୃତ ଭ୍ରୂଣ କୁଣ୍ଡ। ଲକ୍‌ଡାଉନ ସମୟରେ ଅନେକ ଭ୍ରୂଣ ହତ୍ୟା କରାଯାଇ ଘର ଭିତର କୁଣ୍ଡରେ ପକାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଆବର୍ଜନା କୁଣ୍ଡ ଅଛି କି ନାହିଁ ତଦନ୍ତ କରାଗଲେ ଅନେକ ଘରୋଇ କ୍ଲିନିକ ଫସିଯିବେ ବୋଲି କୁହାଯାଇଛି। ହେଲେ ପ୍ରଶାସନର ବିଳମ୍ବ ତଦନ୍ତ ଅନେକ ପ୍ରମାଣ ନଷ୍ଟ କରିବାକୁ ଖୋରାକ ଯୋଗାଉଛି ବୋଲି କୁହାଯାଉଛି।

## ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍

ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.)

ଖଣ୍ଡପଡା ଥାନା ଅଧୀନ ମର୍ଦ୍ଦରାଜପୁର ଦଣ୍ଡାସାହିର ସୁରେଶ ଚନ୍ଦ୍ର ରାଉତଙ୍କ ଘରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ସମେତ ୨ଟି ସାଇକେଲ ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନେ ଘରର ପଛପାଖ କବାଟ ଭାଙ୍ଗି ଘରେ ପ୍ରବେଶ କରିବା ସହ ଗଡରେଜ ଆଲମିରା ଭାଙ୍ଗି ଡ୍ରରେ ଥିବା ସୁନା, ରୁପା ଗହଣା ସମେତ ନଗଦ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଲୁଟପାଟ କରିଥିବା ଅନୁମାନ କରାଯାଉଛି। ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ହାତ ଥିବା ନେଇ ପୋଲିସ ସନ୍ଦେହ କରୁଛି। ତେବେ ଚୋରି ଯାଇଥିବା ସୁନା, ରୁପା ଗହଣାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ୪୯ବର୍ଷ ପରେ ପମ୍ପ ହାଉସ ଭୁଶୁଡ଼ିଲା



ଭୁଶୁଡି ପଡିଥିବା ପାନୀୟ ଜଳ ଯୋଗାଣ ପମ୍ପ ହାଉସ୍।

ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.)

**ଖଳିସାହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ**

- ୨ ବାଇକ୍ ତଳେ ଚାପି ହୋଇଗଲା

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ ପକ୍ଷରୁ ୧୯୭୨ରୁ ନିର୍ମାଣ କରାଯାଇଥିବା ପାନୀୟ ଜଳ ଯୋଗାଣ ପମ୍ପ ହାଉସଟି ଗୁରୁବାର ବିଳମ୍ବିତ ରାତିରେ ଭୁଶୁଡି ପଡିଛି। ଏହି ପମ୍ପ ହାଉସଟି ପାଖାପାଖି ୧୫ ଫୁଟ ତଳକୁ ଦବି ଯାଇଛି। ପମ୍ପ ହାଉସ ପରିସରରେ ଥିବା ୨ଟି ବାଇକ୍ ସିମେଣ୍ଟ କଂକ୍ରିଟ ଛାତ ତଳେ ଚାପି ହୋଇ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୧୯୭୨ରେ ସ୍ଥାପିତ ହୋଇଥିବା ଏହି ପାନୀୟ ଜଳ ପ୍ରକଳ୍ପଟି ପରବର୍ତ୍ତୀ ସମୟରେ ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଥିଲା। ଦୀର୍ଘ ୪୯ବର୍ଷ ପରେ ପାନୀୟ ଜଳ ପ୍ରକଳ୍ପଟି ଭାଙ୍ଗି ମାଟିରେ ମିଶି ଯାଇଛି।
ସୌଭାଗ୍ୟ ବଶତଃ ପମ୍ପ ହାଉସ ରାତ୍ରି ଜଗୁଆଳି ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ରାତ୍ରି ଜଗୁଆଳିର ଘର ସେହି ନିକଟରେ ହୋଇଥିବାରୁ ଓ ସେ ରାତିରେ ଘରେ ଯାଇ ଶୋଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ଖଣ୍ଡପଡା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷୟକ୍ଷତିର ପରିମାଣ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ମାଡ଼ମାରି ଲୁଟ୍ ଘଟଣାରେ ମିଳୁନି ସୁରାକ

ବ୍ରହ୍ମପୁର ଅଫିସ,୩।୯

ସଦର ଥାନା ଅନ୍ତର୍ଗତ ଜି.ରଘୁନାଥପୁରର ବି.ସୁନୀଲ ପାତ୍ରଙ୍କୁ ଲୁଟେରାମାନେ ମାଡ଼ ମାରି ସୁନା ଚେନ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏହି ଘଟଣାର ୨୦ଦିନ ପରେ ବି ପୋଲିସକୁ କୌଣସି ସୁରାକ ମିଳୁନି। ଏପରିକି ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଚଳାଇଥିଲେ ସୁଦ୍ଧା ଲୁଟେରାଙ୍କ ଟେର୍ ପାଉନି। ଫଳରେ ପୋଲିସର ଚିନ୍ତା ଏବେ ବଢି ଯାଇଛି। ଗତ ୧୪ ତାରିଖ ସନ୍ଧ୍ୟାରେ ସୁନୀଲ ବାଇକରେ ଘରକୁ ଫେରୁଥିବା ବେଳେ ଲୋଚାପଡା ପାଣିମହାପ୍ରଭୁ ମନ୍ଦିର ରାସ୍ତାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେମାନେ ଯୁକ୍ତିତର୍କ କରିବା ସହ ସୁନିଲଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ସୁନା ଚେନ୍, ମୋବାଇଲ୍ ଫୋନ୍ ଓ ଟଙ୍କା ଲୁଟି ନେଇଥିଲେ। ସୁନୀଲ ସେଠାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ଅଭିଯୋଗ ପରେ ପୋଲିସ ନଂ.୨୭୩/୨୧ ରେ ଏକ ମାମଲା ରୁଜୁ କରିଥିଲା।

## ୨ ଲୁଟେରା ଗିରଫ, ବାଇକ୍ ଜବତ

ଆସିକା,୩।୯ (ଡି.ଏନ.ଏ)

ଆସିକା ଥାନା କାଳକଣ୍ଠପୁର ଗ୍ରାମରୁ ପୁରୁଣା ବାଇକ୍ କିଣିବାକୁ ଆସି ବାଇକ୍ ନେଇ ଚାଲିଯାଇଥିବା ୨ ଲୁଟେରାଙ୍କୁ ପୋଲିସ ଗୁରୁବାର ପୁରୁଷୋତ୍ତମପୁର ନିଟକରୁ ଗିରଫ କରିଥିଲା। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପୁରୁଷୋତ୍ତମପୁରର ରବିନାରାୟଣ ମହାରଣା ଓ ଗା ଥାନା ଭୂଆଁଭୁଇଁ ଗ୍ରାମର ରବୀନ୍ଦ୍ର ବେହେରା। ସେମାନଙ୍କଠାରୁ ଲୁଟ ବାଇକ୍‌କୁ ଜବତ କରାଯାଇଛି।

## ଦଶପଲ୍ଲା ଜେଲରେ ନିଆଁ



ଦଶପଲ୍ଲା ସବ୍ ଜେଲରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀ ଲିଭାଉଛନ୍ତି।

ଦଶପଲ୍ଲା,୩।୯ (ଡି.ଏନ.ଏ.)

ଦଶପଲ୍ଲା ସବ୍ ଜେଲ୍ କାର୍ଯ୍ୟାଳୟ ସଂଲଗ୍ନ ଏକ ଘର ଭିତରେ ଥିବା ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି କେତେକ ଆସବାବପତ୍ର ସହ ସମସ୍ତ ବିଦ୍ୟୁତ୍ ତାର ଶୁକ୍ରବାର ପୋଡିଯାଇଛି। ସୂଚନା ଅନୁଯାୟୀ, ସେହି ଘର ଭିତରେ ଥିବା ଏକ ଗ୍ୟାସ୍ ସିଲିଣ୍ଡର ପାଇପ୍ ଲିକ୍ ହୋଇ ସେଥିରୁ ନିଆଁ ଲାଗି ଏସବୁ ଘଟଣା ଘଟିଛି। ଦଶପଲ୍ଲା ଅଗ୍ନିଶମ ବାହିନୀ ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ତୁରନ୍ତ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ ଦୁର୍ଘଟଣାରୁ ରକ୍ଷା ମିଳିଥିଲା। ଅଳ୍ପକେ ବଞ୍ଚି ଯାଇଥିଲେ କଏଦୀ। ଯଦି ଗ୍ୟାସ୍ ସିଲିଣ୍ଡର ଫାଟି ଥାଆନ୍ତା ତେବେ ଜୀବନ ହାନୀ ହେବା ସହ ସମସ୍ତ ରେକର୍ଡ ପତ୍ର ପୋଡି ଯିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ସେଠାରେ ଗ୍ୟାସ୍ ରଖି କିଏ କ’ଣ କରୁଥିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଆକ୍ରମଣକାରୀଙ୍କୁ ଗିରଫ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଗୁଡା,୩।୯(ଡି.ଏନ୍.ଏ.)

ଏନ୍ଏସି କର୍ମଚାରୀ ଭବାନୀ ଶଙ୍କର ଦୋରାଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣା ନେଇ ଶୁକ୍ରବାର ଆକ୍ରମଣକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ ଦାବି କରି ବାଲିଗୁଡ଼ା ଏନ୍ଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରିବା ସହ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣାରେ ବସିଛନ୍ତି। ଗୁରୁବାର ପୂର୍ବାହ୍ନରେ କାର୍ଯ୍ୟାଳୟର ମୁଖ୍ୟ ପ୍ରକୋଷ୍ଠରେ ଏକ ଠିକାଦାରୀ କାର୍ଯ୍ୟକୁ ନେଇ ଏନ୍ଏସି କର୍ମଚାରୀ ଭବାନୀଙ୍କ କିଛି ଲୋକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାରେ ଏନ୍ଏସି କର୍ମଚାରୀଙ୍କୁ ଭବାନୀଙ୍କୁ ଯୋଜନାବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେଣୁ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଅସୁରକ୍ଷିତ ବୋଲି କହିବା ସହ ଆକ୍ରମଣକାରୀଙ୍କୁ ଶୀଘ୍ର ଗିରଫ କରା ନ ଗଲେ ପରିଷଦର ସମସ୍ତ କର୍ମଚାରୀ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ସହିତ କଲମଛାଡ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି।

## ଚାକିରି ପ୍ରଲୋଭନ ଦେଖାଇ ଅର୍ଥ ଲୁଟ୍

ଫୁଲବାଣୀ ଅଫିସ, ୩।୯

ନେହେରୁ ଯୁବ କେନ୍ଦ୍ରରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ୨ ଦୁଇ ଯୁବକଙ୍କଠାରୁ ଜଣେ ଯୁବକ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଠକାମୀର ଶୀକାର ହୋଇଥିବା ଯୁବକଦ୍ୱୟ ଏ ନେଇ ଶୁକ୍ରବାର ଗୋଚ୍ଛାପଡା ଥାନାରେ ଅଭିଯୋଗ କରିବା ସହ ନେହେରୁ ଯୁବ କେନ୍ଦ୍ରର ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଫୁଲବାଣୀସ୍ଥିତ ନେହେରୁ ଯୁବ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଭାବେ ରତଙ୍ଗ ଗ୍ରାମର ଜଣେ ଯୁବକ କାମ କରୁଥିଲେ। ସେଠାରେ ଚାକିରି କରାଇଦେବେ ବୋଲି କହି ସେ ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ବଟାବାହାଲି ଗ୍ରାମର ଅରୁଣ କହଁର ଓ ଅନାଦି କହଁରଙ୍କ ବିଶ୍ୱାସଭାଜନ ହୋଇଥିଲେ। ମାସିକ ୧୭ ହଜାର ଟଙ୍କା ମିଳିବ। ଏଥିପାଇଁ ପ୍ରତ୍ୟେକ ୨୦ ହଜାର ଲେଖାଏ ଦେବାକୁ କହିଥିଲେ। ଅରୁଣ ଓ ଅନାଦି ଚାକିରି ପାଇବା ଆଶାରେ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୨୦ ହଜାର ଲେଖାଏ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ନେବା ପରେ ଯୁବକ ଜଣକ ଆଉ ଧରାଛୁଆଁ ନ ଦେବାରୁ ଅରୁଣ ଏବଂ ଅନାଦି ଠକାମୀର ଶୀକାର ହୋଇଥିବା ଜାଣି ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ପୁରାତନ ହସ୍ତଶିଳ୍ପର ପୁନରୁଦ୍ଧାର ହୋଇପାରିବ

ଖଣ୍ଡପଡା,୩।୯(ସ୍ୱ.ପ୍ର.)




ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ ଏକ ପର୍ଯ୍ୟଟନ ପୀଠ ଭାବେ ଯେପରି ସର୍ବଜନ ବିଦିତ ସେହିପରି କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହାରେ ସେତିକି ପ୍ରସିଦ୍ଧି ଲାଭ କରିଥିଲା। ମାତ୍ର ଆଜିର ସୌଖୀନ ଓ ହାଲକା ବାସନ ଏ କଂସା ପିତ୍ତଳ ବାସନ ଶିଳ୍ପକୁ ପଙ୍ଗୁ କରି ଦେଇଛି। ଏପରିସ୍ଥଳେ କଣ୍ଟିଲୋ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ଜ୍ଞାନ କୌଶଳରେ ଏକ କଂସା, ପିତ୍ତଳ ସାମଗ୍ରୀମାନ ଗଢିବା ପାଇଁ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି। ଏହା ରାଜ୍ୟ ସହ ସାରା ବିଶ୍ୱରେ କଂସା ପିତ୍ତଳ ବାସନ ଶିଳ୍ପର ପୂର୍ବ ଐତିହ୍ୟକୁ ଫେରାଇ ଆଣିବ ବୋଲି ଶୁକ୍ରବାର ପଥରଚକଡାସ୍ଥିତ ମା’ ନାରାୟଣୀ ପୀଠରେ ଆୟୋଜିତ ସଚେତନତା ଶିବିରରେ ରାଜ୍ୟ ହସ୍ତଶିଳ୍ପ ବିଭଗ ସହକାରୀ ନିର୍ଦ୍ଦେଶକ ଅମୀୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୃଢ଼ୋକ୍ତି ପ୍ରକାଶ କିଛନ୍ତି। ଉପସ୍ଥିତ କାରିଗରମାନଙ୍କୁ ସହଯୋଗର ହାତ ବଢାଇବାକୁ ଆହ୍ୱାନ ସେ ଦେଇଛନ୍ତି। ନୂତନ ଜ୍ଞାନ କୌଶଳ ଢାଞ୍ଚାରେ କାରିଗରମାନଙ୍କୁ ସ୍ୱାବଲମ୍ବୀ କରିବାକୁ ବ୍ରହ୍ମପୁର ରଘୁନାଥ ପାଠାଗାର ପକ୍ଷରୁ ଏକ ନୂଆ ପ୍ରକଳ୍ପ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥ ପାଣ୍ଡୁସାହୁପାଟଣାଠାରେ ଆରମ୍ଭ ହେଉଛି। ଏଥିପାଇଁ କେନ୍ଦ୍ର ସରକାର ୯୦ ପ୍ରତିଶତ ଅନୁଦାନ ପ୍ରଦାନ କରୁଥିବା ବେଳେ କାରିଗରମାନେ ଅବଶିଷ୍ଟ ୧୦ ପ୍ରତିଶତ ଅର୍ଥ ଜମା ଦେବେ ବୋଲି ମୁଖ୍ୟ ଅତିଥି ବେହେରା ସୂଚନା ଦେଇଥିଲେ। ଏହି କ୍ଲଷ୍ଟରରେ ୨୩ଟି ଗ୍ରାମର ୯୭୯ ଜଣ କାରିଗର ସଭ୍ୟ ରହିଛନ୍ତି। କଂସା ପିତଳ କାରିଗରମାନଙ୍କୁ ଭୁବନେଶ୍ୱର ନୋଡାଲ ଏଜେନ୍ସି ସେଣ୍ଟ୍ରାଲ ଟୁଲ ତାଲିମ କେନ୍ଦ୍ର ମାଧ୍ୟମରେ ତାଲିମ ଦିଆଯିବ ବୋଲି ବେହେରା ପରାମର୍ଶ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ଭୁବନେଶ୍ୱର ସିଟିଟିସିର ଏସ.କେ. କର, ନୟାଗଡ଼ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ମନୋଜ କୁମାର ଶତପଥୀ, ଖଣ୍ଡପଡା ଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା ଓ ଡେଭଲପମେଣ୍ଟ କନସୁଲାଣ୍ଟ ଗିରିଶ ପ୍ରସାଦ ସ୍ୱାଇଁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ କାରିଗର ଦଣ୍ଡପାଣି ସାହୁ ଧନ୍ୟବାଦ ଦେଇଥିଲେ।

## ଦୁର୍ନୀତି ପଦାରେ ପଡ଼ିଯିବା ଭୟ

ନୂଆଗାଁ, ୩।୯ (ଡି.ଏନ,ଏ)

**ତଥ୍ୟ ଦେବାକୁ ଅମଙ୍ଗ ବ୍ଲକ ପ୍ରଶାସନ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ତାହାର ସତ୍ୟାସତ୍ୟ ଜାଣିବାକୁ ତଥ୍ୟ ମାଗିଲେ ପ୍ରଶାସନ ଦେବାକୁ ଅମଙ୍ଗ ହେଉଥିବା ଅଭିଯୋଗ ହେଉଛି।
ବ୍ଲକର ବିଭିନ୍ନ ବିଭାଗରେ ଦୁର୍ନୀତି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏସବୁର ସତ୍ୟାସତ୍ୟ ଜାଣିବା ପାଇଁ ସାଧାରଣ ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ମାଗୁଥିବା ବେଳେ ସେମାନେ ଦେବାକୁ ଅମଙ୍ଗ ହେଉଛନ୍ତି। ଏପରି କି ଜନ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗୁଥିଲେ ମଧ୍ୟ ଦିଆଯାଉ ନାହିଁ। ମହୀପୁର, ଚାହାଳି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମହୀପୁର ପଞ୍ଚାୟତରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ଅନୁଦାନ ବ୍ୟୟରେ ବହୁ ପ୍ରକଳ୍ପ ଦେବୋତ୍ତର ଜାଗାରେ ହୋଇଥିବା ଅଭିଯୋଗ ହୋଇଛି। ଉଦୟପୁର ପଞ୍ଚାୟତରେ ବ୍ୟକ୍ତିଗତ ରେକର୍ଡ ଜାଗାରେ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇଛି। ସେହିପରି ଅଳ୍ପ କିଛି ଟଙ୍କାର ଫାଇଲ କିଣି ଏକ ଲକ୍ଷ ଟଙ୍କାର ଭାଉଚର କରାଇ ଅର୍ଥ ହଡପ କରାଯାଇଛି। ସରକାରଙ୍କ ନିୟମ ଅନୁସାରେ, ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷ ରହିବାର ନିୟମ ରହିଥିବା ବେଳେ ଅନେକ କର୍ମଚାରୀ ୭ରୁ ୮ ବର୍ଷ ଧରି ବ୍ଲକରେ ରହି ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ଏସବୁର ସତ୍ୟାସତ୍ୟ ଜାଣିବାକୁ ଜନ ସୂଚନା ଅଧିକାର ବଳରେ ତଥ୍ୟ ମଗାଯାଉଥିଲେ ମଧ୍ୟ ଦୁର୍ନୀତି ପଦାରେ ପଡିଯିବା ଭୟରେ ଦିଆଯାଉନାହିଁ। ତଥ୍ୟକୁ ଲୁଚାଇବାର ଅପଚେଷ୍ଟା କରିବାକୁ ଯାଇ ଅପିଲ କରିବାକୁ କହି ଖର୍ଚ୍ଚାନ୍ତ କରାଇବାର ପ୍ରୟାସ କରାଯାଉଛି। ଏ ସମ୍ପର୍କରେ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ତଥ୍ୟ ଦେବାକୁ ଜଣେ ଅଧିକାରୀଙ୍କୁ ଜନ ସୂଚନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେ ନ ଦେଲେ ପ୍ରଥମ ଓ ଦ୍ୱିତୀୟ ଅପିଲର ମଧ୍ୟ ବ୍ୟବସ୍ଥା ରହିଛି। ଏସବୁ ପରେ ତଥ୍ୟ ନ ଦେଲେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଇନ ମଧ୍ୟ ରହିଛି ବୋଲି ସେ କହିଛନ୍ତି।




ନୂଆଗାଁ ବ୍ଲକ କାର୍ଯ୍ୟାଳୟ।